RNI No.ODIODI/2010/33031
୧୬ ବର୍ଷ Volume-16
ISSUE -295 ସଂଖ୍ୟା-୨୯୫
ଭୁବନେଶ୍ୱର, ସୋମବାର ୦୯ ଫେବୃଆରୀ ୨୦୨୬
Bhubaneswar, Monday 09 February, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



## ବିସିପିପିଇଆର ପାଇଁ ଅର୍ଥନୈତିକ ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୮।୨(ନି.ପ୍ର.): ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳ ବା ବିସିପିପିଇଆର ପାଇଁ ଏକ ଅର୍ଥନୈତିକ ଯୋଜନାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅର୍ଥନୈତିକ ଯୋଜନାକୁ ନୀତି ଆୟୋଗ ପକ୍ଷରୁ ପ୍ରସ୍ତୁତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ନୀତିଆୟୋଗର ସଦସ୍ୟ ରାଜୀବ ଗୌବା ଏବଂ ସିଇଓ ଶ୍ରୀ ବି.ଭି.ଆର୍. ସୁବ୍ରମଣ୍ୟମ ମଧ୍ୟ ଯୋଗଦେଇଛନ୍ତି।

ଏହି ଅବସରରେ ଲୋକସେବା ଭବନ ସ୍ଥିତ କନ୍‌ଭେନସନ୍ ସେଣ୍ଟରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ଅର୍ଥନୈତିକ ଯୋଜନାକୁ ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିସିପିପିଇଆର ଅଞ୍ଚଳକୁ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିର ଏକ କେନ୍ଦ୍ରସ୍ଥଳ ଭାବେ ବିକଶିତ କରାଯିବ। ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ଏହି ଅଞ୍ଚଳ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ଏବଂ ଭାରତର ଅଭିବୃଦ୍ଧିର ଆକାଶରେ ଏହା ଏକ ନୂତନ ତାରକା ଭଳି ଦୃଶ୍ୟମାନ ହେବ।

ମୁଖ୍ୟମନ୍ତ୍ରୀ କହିଲେ ଯେ, ଏହି ଅଞ୍ଚଳର ସବୁ ସହରର କିଛି ନା କିଛି ନିଜସ୍ୱ ସାମର୍ଥ୍ୟ ରହିଛି, ସ୍ୱତନ୍ତ୍ରତା ରହିଛି। ଯେପରିକି ଟେକ୍ନୋଲୋଜି କ୍ଷେତ୍ରରେ ଭୁବନେଶ୍ୱର, ବିଜନେସ୍ ପରମ୍ପରାରେ କଟକ, ସାଂସ୍କୃତିକ ଗରିମାରେ ପୁରୀ ଓ ବନ୍ଦର ଭିତ୍ତିକ ବିକାଶରେ ପାରାଦୀପ। ବର୍ତ୍ତମାନ ଆମର ପରିକଳ୍ପନା ହେଉଛି, ଏହି ଅଞ୍ଚଳ ଗୁଡିକୁ ଆଧୁନିକ ଭିତ୍ତିଭୂମି ସହିତ ଯୋଡାଯିବ ଏବଂ ପ୍ରତ୍ୟେକ ଅଞ୍ଚଳରେ ବିଭିନ୍ନ ପ୍ରକାର ପ୍ରକଳ୍ପ କରାଯିବ। ମେଟାଲ ଡାଉନଷ୍ଟ୍ରିମ୍, ବାୟୋଟେକ୍, ଟେକ୍ସଟାଇଲ୍, କେମିକାଲ୍ସ, ପର୍ଯ୍ୟଟନ, ଶିକ୍ଷା ଓ ଆଇ.ଟି ପରି ୮୦ରୁ ଅଧିକ ପ୍ରକଳ୍ପର ଯୋଜନା କରାଯାଇଛି। ଏହା ସହିତ ୩୦ରୁ ଅଧିକ ପଲିସି ଇନିସିଏଟିଭ୍ ନିଆଯାଇ ଏ ସମଗ୍ର ଅଞ୍ଚଳକୁ ବିକାଶ ଓ ସମୃଦ୍ଧିର ପ୍ରୟୋଗଶାଳା କରାଯିବ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୨୬-୨୭ ବଜେଟ୍ ?ରେ କେନ୍ଦ୍ର ସରକାର ସିଟି ଇକୋନୋମିକ୍ ରିଜିଅନର ପରିକଳ୍ପନା କରିଛନ୍ତି। ଏଥିରେ ଇଉଚଚରଜ ରିଜିଅନ୍ ମଧ୍ୟ ସ୍ଥାନ ପାଇଛି। ପ୍ରତ୍ୟେକ ଉରଜ ର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୫ ହଜାର କୋଟି ଟଙ୍କାର ପ୍ରାବଧାନ ରଖାଯାଇଛି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବର୍ତ୍ତମାନ ଏହି ଅଞ୍ଚଳର ଅର୍ଥନୀତି ସାରା ଓଡିଶାର ଅର୍ଥନୀତିର ୧୯ ପ୍ରତିଶତ। ୨୦୨୫ ସୁଦ୍ଧା ଏହି ଅଞ୍ଚଳର ଅର୍ଥନୀତିର ଆକାର ୨୨.୪ ବିଲିଅନ ଡଲାର ଅଛି। ୨୦୪୭ ସୁଦ୍ଧା ଏହାକୁ ୫୦୦ ବିଲିଅନ ଡଲାର କରିବାର ଲକ୍ଷ୍ୟ ରହିଛି ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ମାର୍ଗଦର୍ଶନ ଓ କେନ୍ଦ୍ର ସରକାର ତଥା ନୀତି ଆୟୋଗର ସହଯୋଗରେ ରାଜ୍ୟର ଡବଲ ଇଞ୍ଜିନ ସରକାର ଏହି ଅଞ୍ଚଳକୁ ଅର୍ଥନୈତିକ କାୟାକଳ୍ପର ଏକ କେନ୍ଦ୍ରଭାବେ ବିକଶିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଥିଲେ।

ଏହି ଇକୋନୋମିକ୍ ପ୍ଲାନ୍ ପ୍ରସ୍ତୁତ କରିଥିବାରୁ ନୀତି ଆୟୋଗର ସଦସ୍ୟ ରାଜୀବ ଗୌବା ଓ ସିଇଓ ସୁବ୍ରମଣ୍ୟମଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ।

ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ, ଆଜିର ଏହି ଯୋଜନା ଓଡିଶାର ଭବିଷ୍ୟତ ନିର୍ମାଣରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ଓଡିଶାର ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଅତ୍ୟନ୍ତ ସହାୟକ ହେବ। ଆଗାମୀ ଦିନରେ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲାରେ ଥିବା ବଡ ବଡ ସହର ମାନଙ୍କ ପାଇଁ ଏଭଳି ଯୋଜନା ପ୍ରସ୍ତୁତ କରାଯିବ। ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବା ପରଠାରୁ ରାଜ୍ୟରେ ସହରୀକରଣର ଅଭିବୃଦ୍ଧିକୁ ପ୍ରାଧାନ୍ୟ ଦେଉଛନ୍ତି। ସହରୀକରଣ ବୃଦ୍ଧି କ୍ଷେତ୍ରରେ ୨୮ଟି ନୂଆ ଏନ୍ ?ଏସି, ୭ଟି ମୁନିସ୍ ?ପାଲ୍ ?ଟି ଏବଂ ଗୋଟିଏ ମହାନଗର ନିଗମ ସୃଷ୍ଟି ସହରୀକରଣ କ୍ଷେତ୍ରରେ ଆମ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି।

ନୀତି ଆୟୋଗର ସଦସ୍ୟ ରାଜୀବ ଗୌବା କହିଥିଲେ ଯେ, ବିକଶିତ ଓଡିଶା ନିର୍ମାଣର ପ୍ରମୁଖ ସ୍ତମ୍ଭ ହେଉଛି ଏହି ବିସିପିପିଇଆର ପ୍ରୋଜେକ୍ଟ। ଦେଶର ୨୦ଟି ପ୍ରମୁଖ ସହରର ଉନ୍ନତି ପାଇଁ ପ୍ରସ୍ତାବ ରହିଥିବା ବେଳେ, ପ୍ରଥମ ୫ଟି ମଧ୍ୟରେ ଇଉଚଚରଜ ସ୍ଥାନିତ ହୋଇଛି। ଏହି ରିଜିଅନର ଅଭିବୃଦ୍ଧି ହେଲେ ଏ ଅଞ୍ଚଳବାସୀଙ୍କର ମଧ୍ୟ ଅଭିବୃଦ୍ଧି ଘଟିବ। ଲୋକମାନଙ୍କ ଜୀବନଧାରଣ ମାନରେ ଉନ୍ନତି ଆସିବ । ଏହି ଯୋଜନାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ସେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ।

ନୀତି ଆୟୋଗର ସିଇଓ ଶ୍ରୀ ବି.ଭି.ଆର୍ ସୁବ୍ରମଣ୍ୟମ ରାଜ୍ୟ ସରକାରଙ୍କ ଉଦ୍ୟମ ପ୍ରତି ଧନ୍ୟବାଦ ଜଣାଇ କହିଥିଲେ ଯେ, ଆମର ୭୦ରୁ ୮୦ ପ୍ରତିଶତ ଜିଡିପି ସହରାଞ୍ଚଳରୁ ଆସିଥାଏ। ୨୦୪୭ ସୁଦ୍ଧା ଆମ ଜନସଂଖ୍ୟାର ଅର୍ଦ୍ଧାଧିକ ଲୋକଙ୍କୁ ସହରୀକରଣରେ ଅନ୍ତର୍ଭୁକ୍ତ କରିବା ପାଇଁ ଆମର ଲକ୍ଷ୍ୟ ରହିଛି। ମୁମ୍ବାଇ, ସୁରଟ, ବିଶାଖାପଟଣା, ବାରଣାସୀ ପରେ ନୀତି ଆୟୋଗର ଏହା ହେଉଛି ପଞ୍ଚମ ଯୋଜନା। ପ୍ରଧାନମନ୍ତ୍ରୀଙ୍କ ଦିଗଦର୍ଶନରେ ବିକଶିତ ଓଡିଶା ପାଇଁ ମଧ୍ୟ ନୀତି ଆୟୋଗ ଯୋଜନା ପ୍ରସ୍ତୁତ କରିଛି। ଆମର ଏହି ଯୋଜନା କେବଳ ଓଡିଶା ପାଇଁ ନୁହେଁ ବିକଶିତ ଭାରତ ପାଇଁ ମଧ୍ୟ ସହାୟକ ହେବ ବୋଲି ସେ କହିଥିଲେ।

ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରି ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ପ୍ରଦାନ କରିଥିଲେ। ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପରୀକ୍ଷା ପରିଚାଳନାରେ ଅବହେଳାକୁ ବରଦାସ୍ତ କରାଯିବନି : ମୁଖ୍ୟ ସଚିବ



ଭୁବନେଶ୍ୱର,୮।୨(ନି.ପ୍ର.):ଚଳିତ ବର୍ଷ ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା ଆସନ୍ତା ଫେବୃୟାରୀ ୧୮ ତାରିଖରୁ ଏବଂ ବାର୍ଷିକ ମାଧ୍ୟମିକ ପରୀକ୍ଷା ସମେତ ରାଜ୍ୟମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ଏବଂ ମଧ୍ୟମା ପରୀକ୍ଷା ଫେବୃୟାରୀରୁ ୧୯ରୁ ଅନୁଷ୍ଠିତ ହେବ । ଶୃଙ୍ଖଳିତ ପରୀକ୍ଷା ପରିଚାଳନା ନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଅଧ୍ୟକ୍ଷତା କରି ପ୍ରସ୍ତୁତିର ସମୀକ୍ଷା କରିଛନ୍ତି । ପରୀକ୍ଷା ପରିଚାଳନାରେ କୌଣସି ପ୍ରକାର ଅବହେଳାକୁ ବରଦାସ୍ତ କରାଯିବନି ବୋଲି ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଆଭାସୀ ମାଧ୍ୟମରେ ରାଜ୍ୟର ସମସ୍ତ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ ଆରକ୍ଷୀ ଅଧିକ୍ଷକମାନେ ଯୋଗଦେଇଥିଲେ ।

ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଡଃ. ଏନ୍ ତିରୁମାଳା ନାଏକଙ୍କ ସମେତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶାର ଅଧ୍ୟକ୍ଷ ମୃଣାଳ କାନ୍ତି ଦାସ, ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ପରିଡା, ଉପ ଶାସନ ସଚିବ ଯଶବନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ଶ୍ରୀକାନ୍ତ ତରାଇ, ଉପ ସଭାପତି ଅମୁଲ୍ୟ କୁମାର ପ୍ରଧାନ, ପରୀକ୍ଷା ନିୟନ୍ତ୍ରକ ଚକ୍ରଧର ବେହେରା ପ୍ରମୁଖ ଉପସ୍ଥିତ ରହି ଶୃଙ୍ଖଳିତ ପରୀକ୍ଷା ପରିଚାଳନା ନେଇ ତଥ୍ୟ ରଖିଥିଲେ ।

ସମସ୍ତ ପରୀକ୍ଷା କେନ୍ଦ୍ର ଭିତରେ ମୋବାଇଲ୍ ଫୋନ୍ ଓ ଅନ୍ୟାନ୍ୟ ଇଲୋକ୍ଟ୍ରନିକ ଉପକରଣ ବ୍ୟବହାର ନିଷିଦ୍ଧ କରାଯାଇଛି । ପରୀକ୍ଷା ପରିଚାଳନା ସଂପର୍କିତ ନିୟମ ବା ବିଧାନର ଉଲଙ୍ଘନ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ । ଗାଇଡଲାଇନ୍ ଅନୁସାରେ ସମସ୍ତ ପ୍ରସ୍ତୁତିକୁ ନିଶ୍ଚିତ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଓ ଜିଲ୍ଲା ନୋଡାଲ ଅଧିକାରୀଙ୍କ ପାଖରେ ପରୀକ୍ଷା ପରିଚାଳନା ମାର୍ଗଦର୍ଶିକା ରହିବା ଓ ଏହାକୁ ଅନୁସରଣ କରିବାକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି ।

### ନୂତନ ଡିଜିଟାଲ୍ ପରିବର୍ତ୍ତନ ଦ୍ୱାରଦେଶରେ ଦଣ୍ଡାୟମାନ ଓଡିଶା

## ଏଆଇ ପାର୍କ ବିକାଶ ପାଇଁ ୨୦ ହଜାର କୋଟି ନିବେଶ ପ୍ରସ୍ତାବ



ଭୁବନେଶ୍ୱର,୮।୨: ଓଡ଼ିଶା ଏକ ନୂତନ ଡିଜିଟାଲ୍ ପରିବର୍ତ୍ତନ ଯୁଗର ଦ୍ୱାରଦେଶରେ ଠିଆ ହୋଇଛି। ଐତିହାସିକ ଭାବରେ, ରାଜ୍ୟରେ ପ୍ରଚୁର ଭୌତିକ ସାମର୍ଥ୍ୟ ରହିଆସିଛି । ଏହା ଖଣିଜ ପଦାର୍ଥରେ ସମୃଦ୍ଧ, ଶକ୍ତି ବଳକା ଏବଂ ଶିଳ୍ପ ବିକାଶରେ ଦୃଢ଼ ରହିଛି । ଏହି ରଣନୀତିକ ସୁବିଧାକୁ ଡିଜିଟାଲ୍ ଇଣ୍ଟେଲିଜେନ୍ସରେ ପରିବର୍ତ୍ତନ ଲାଗି ପ୍ରୟାସ କରାଯାଉଛି । ଏକ ସାର୍ବଭୌମ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା ଏଆଇ କ୍ଷମତା ହବ୍ ବିକାଶ ପାଇଁ ଓଡ଼ିଶା ସର୍ବମ୍ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହା ଓଡ଼ିଶାକୁ ଭାରତର ଅଗ୍ରଣୀ ଏଆଇ କ୍ଷମତା ପ୍ରଦାନକାରୀ ଭାବରେ ଉଭା କରିଛି।

ରାଜ୍ୟରେ ଏଆଇ ପାର୍କ ବିକାଶ ପାଇଁ ୨୦ ହଜାର କୋଟି ଟଙ୍କାର ନିବେଶ ପ୍ରସ୍ତାବ ରହିଛି । ସର୍ବମ୍ ଏଆଇ ଓଡ଼ିଶା ସରକାରଙ୍କ ସହାୟତାରେ ୨୫ ହଜାର ଜିପିୟୁ ହୋଷ୍ଟ କରିବାକୁ ସକ୍ଷମ ଏକ ୫୦ ମେଗାୱାଟ୍ ଏଆଇ ଅପ୍ଟିମାଇଜ୍ଡ ସୁବିଧା ବିକଶିତ କରିବାକୁ ଯୋଜନା କରିଛି। ଏହି ଭିତ୍ତିଭୂମିକୁ ଦ୍ୱୈତ ଉଦ୍ଦେଶ୍ୟ ନେଇ ଡିଜାଇନ୍ କରାଯିବ। ପ୍ରଥମତଃ, ଏହା ରାଜ୍ୟର ଏଆଇ ସାର୍ବଜନୀନ ଉପଯୋଗୀତା ଭାବରେ କାର୍ଯ୍ୟ କରିବ। ଏହା ଇ-ଗଭର୍ଣ୍ଣାନ୍ସ, ସାଟେଲାଇଟ୍ ଏବଂ ପାଣିପାଗ ତଥ୍ୟ ବ୍ୟବହାର କରି କୃଷି ପରାମର୍ଶ, ସ୍ୱାସ୍ଥ୍ୟସେବା ଟ୍ରାଇଏଜ୍ ଏବଂ ନାଗରିକ ସହାୟତା ତଥା ବହୁଭାଷୀ ନାଗରିକ ସେବା ଇଣ୍ଟରଫେସ୍କୁ ସମର୍ଥନ କରିବ। ଫଳରେ ଜନସଂଖ୍ୟା ସ୍ତରରେ ଅଧିକ ସୁଲଭ ଏବଂ ପ୍ରତିକ୍ରିୟାଶୀଳ ଜନସେବାକୁ ସକ୍ଷମ କରାଯାଇପାରିବ।ଦ୍ୱିତୀୟତଃ, ଏହା ଓଡ଼ିଶାକୁ ଭାରତର କମ୍ପ୍ୟୁଟ୍ ମେରୁଦଣ୍ଡ ଭାବରେ ସ୍ଥାନିତ କରିବ। ଯଦି ସାର୍ବଭୌମ କ୍ଷମତା ବ୍ୟାପକ ଭାବେ ନିର୍ମାଣ କରା ନ ଯାଏ, ତେବେ ଭାରତର ଏଆଇ ଅଭିବୃଦ୍ଧି କମ୍ପ୍ୟୁଟ୍-ସୀମିତ ହେବ। ତେଣୁ, ଏହି ହବ୍ କେବଳ ଓଡ଼ିଶାକୁ ସେବା କରିବ ନାହିଁ ବରଂ ଅନ୍ୟ ରାଜ୍ୟ ଏବଂ ଜାତୀୟ ପ୍ଲାଟଫର୍ମଗୁଡ଼ିକୁ ନିର୍ଭରଯୋଗ୍ୟ, ଉତ୍ପାଦନ-ଗ୍ରେଡ୍ ଏଆଇ କ୍ଷମତା ପ୍ରଦାନ କରି ଏକ ଦେଶବ୍ୟାପୀ କମ୍ପ୍ୟୁଟ୍ ଗ୍ରୀଡ୍ ପ୍ରଦାନ କରିବ।

ପୂର୍ଣ୍ଣ ସ୍ତରରେ, ଏହି ପଦକ୍ଷେପ ହଜାର ହଜାର ଅଧିକ ଉଚ୍ଚ-କୁଶଳୀ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବ ଏବଂ ସାର୍ବଭୌମ ଏଆଇ ଭିତ୍ତିଭୂମିରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟ ଭାବରେ ପ୍ରତିଷ୍ଠା କରିବ ବୋଲି ଆଶା କରାଯାଉଛି ।

### ମାଫିଆଙ୍କ ଆକ୍ରୋଶର ଶିକାର ମାଇନ୍ସ ବିଭାଗ ଓ ପୋଲିସ

ପିପିଲି,୮।୨(ନି.ପ୍ର.): ୨ ପିପିଲିଥାନା ଅନ୍ତର୍ଗତ ଘୁବା ପଞ୍ଚାୟତ ର ମଧୁପୁର ଠାରେ ବେଆଇନ ବାଲିଘାଟ ରୁ ବାଲି ଚୋରାଚାଲଣ ହେଉଥିବା ଖବର ପାଇ ଜିଲ୍ଲା ମାଇନ୍ସ ବିଭାଗ ଚଢାଉ କରିଥିଲା। ଏହି ଚଢାଉ ସମୟରେ ଜିଲ୍ଲା ମାଇନ୍ସ ବିଭାଗ ସମେତ ସ୍ଥାନୀୟ ପୋଲିସ କର୍ମଚାରୀ ବାଲି ମାଫିଆଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। ବାଲି ବୋଝେଇ ହାଇୱା ଗାଡି ଜେସିବ ମେସିନ ଜବତ କଲା ବେଳକୁ ମାଫିଆ ମାନେ ରାତିତମାମ ତାହାକୁ ଛାଡିନଥିବା ସୂଚନା ମିଳିଛି। ଜଣକୁ ପୋଲିସ ଗାଡିରେ ବସାଇଥିବା ବେଳେ ପୋଲିସ ଗାଡିରୁ ସେ ଖସିପଳାଇବାକୁ ସକ୍ଷମ ହୋଇଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି। ସେଠାରେ କିଛି ସମୟ ମାଫିଆ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି ଭଳି ଘଟଣା ଘଟିବା ସହ ରାତିତମାମ ଲୁଚକାଳି ଖେଳ ହୋଇଥିବା ଜଣାପଡିଛି । ଶେଷରେ ପିପିଲି ପୋଲିସ ଜଣକୁ ଥାନାରେ ଅଟକ ରଖିବା ସହ ଏକ ଜେସିବ ମେସିନ ଓ ହାଇୱା ଗାଡିକୁ ଜବତ କରାଯାଇଥିବା ପୋଲିସ ଠାରୁ ସୂଚନା ମିଳିଛି। ଏହି ଘଟଣା ଏବେ ପିପିଲି ଥାନା ଅଂଚଳରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି। ମାଫିଆ ମାନେ କାହାକୁ ଖାତିରି ନକରି କାହା ନିର୍ଦ୍ଦେଶ ରେ ବାଲି ଚୋରାଚାଲଣ ଖୁଲମ ଖୁଲା ଚଳାଇଛନ୍ତି ତାହା ଉଚ୍ଚ ସ୍ତରୀୟ ତଦନ୍ତ ଦାବି ଜୋରି ଉଠିଛି।

## ଭାରତୀୟ ବାୟୁସେନାରେ ସାମିଲ ହେବ ୧୧୪ ରାଫେଲ୍



ନୂଆଦିଲ୍ଲୀ,୮।୨: ଭାରତ ଏହାର ସୁରକ୍ଷା ଏବଂ ବାୟୁସେନାକୁ ମଜବୁତ କରିବା ଦିଗରେ ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛି। ଭାରତୀୟ ବାୟୁସେନା ପାଇଁ ୧୧୪ଟି ରାଫେଲ ଯୁଦ୍ଧ ବିମାନ କିଣିବା ପାଇଁ ପ୍ରସ୍ତୁତି ତ୍ୱରାନ୍ୱିତ ହୋଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ଏବଂ ବାୟୁସେନା ଏହି ପ୍ରସ୍ତାବ ଉପରେ ନିରନ୍ତର ଆଲୋଚନା କରୁଛନ୍ତି। ରିପୋର୍ଟ ଅନୁଯାୟୀ, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ଭାରତ ଗସ୍ତ ପୂର୍ବରୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦର ଏକ ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

ଏହି ବୈଠକ ଦ୍ୱାରା ୧୧୪ଟି ରାଫେଲ ଜେଟ୍ କ୍ରୟ ଉପରେ ସହମତି ହୋଇପାରେ। ଭାରତୀୟ ବାୟୁସେନାର ଅନେକ ପୁରୁଣା ବିମାନ ଏବେ ଅବସର ନେଉଛି। ତେଣୁ ବାୟୁସେନାକୁ ଆଧୁନିକ ଏବଂ ନିର୍ଭରଯୋଗ୍ୟ ଯୁଦ୍ଧ ବିମାନର ଆବଶ୍ୟକତା ଅଛି। ରାଫେଲ ଏକ ଲଢୁଆ ବିମାନ, ଯାହା ସବୁ ପାଣିପାଗରେ ଉଡ଼ାଣ ଏବଂ ଶତ୍ରୁ ଲକ୍ଷ୍ୟ ସ୍ଥଳ ବିରୁଦ୍ଧରେ ସଠିକ୍ ଆକ୍ରମଣ କରିବାକୁ ସକ୍ଷମ। ଭାରତ ପୂର୍ବରୁ ଫ୍ରାନ୍ସରୁ ୩୬ଟି ରାଫେଲ ଯୁଦ୍ଧ ବିମାନ କିଣିସାରିଛି। ଏବେ ୧୧୪ଟି ନୂତନ ରାଫେଲର ଆଗମନ ବାୟୁସେନାକୁ ଆହୁରି ମଜବୁତ କରିବ।

ଏହି ପ୍ରସ୍ତାବର ଏକ ପ୍ରମୁଖ ବୈଶିଷ୍ଟ୍ୟ ହେଉଛି "ମେକ୍ ଇନ୍ ଇଣ୍ଡିଆ" ଉପରେ ଗୁରୁତ୍ୱ। ଯୋଜନା ଅନୁଯାୟୀ, କିଛି ବିମାନ ସିଧାସଳଖ ଫ୍ରାନ୍ସରୁ କିଣାଯାଇପାରେ, ଯେତେବେଳେ ଅଧିକାଂଶ ଭାରତରେ ନିର୍ମିତ ହେବ। ଏହା ଦେଶର ପ୍ରତିରକ୍ଷା ଶିଳ୍ପକୁ ସୁଦୃଢ଼ କରିବ ଏବଂ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ପ୍ରତିରକ୍ଷା ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ରାଫେଲର ଉନ୍ନତ ପ୍ରଯୁକ୍ତିବିଦ୍ୟା, ଦୂରଗାମୀ କ୍ଷେପଣାସ୍ତ୍ର ଏବଂ ଆଧୁନିକ ରାଡାର ସିଷ୍ଟମ ଭାରତର ରଣନୈତିକ ସ୍ଥିତିକୁ ସୁଦୃଢ଼ କରିବ। ଏହା ଚୀନ୍ ଏବଂ ପାକିସ୍ତାନ ଉପରେ ଚାପ ବୃଦ୍ଧି କରିପାରେ।

## ୧୫ ଚୋରା ବାଇକ ଉଦ୍ଧାର, ୫ଜଣ ଗିରଫ

ଖୋର୍ଦ୍ଧା,୮।୨: ନିରାକାରପୁର ଥାନା ପୁଲିସ କୁ ମିଳିଛି ବଡ ସଫଳତା । ପୁଲିସ ବାଇକ ଚୋରି ର୍ୟାକେଟ ର କରିଛି ପର୍ଦ୍ଦାଫାସ । ବାଇକ୍ ଚୋରି ର ମୁଖ୍ୟ ଅଭିଯୁକ୍ତ, ୨ଜଣ କ୍ରେତା ଏବଂ ଜଣେ ସ୍କ୍ରାପ୍ ଡିଲର ସମେତ ୫ଜଣଙ୍କୁ ଗିରଫ କରିଛି । ଗିରଫ ହୋଇଥିବା ୫ ଜଣ ହେଲେ ଜଙ୍କିଆ ଥାନା ସିଙ୍କୋ ଗ୍ରାମର ମୁଖ୍ୟ ଅଭିଯୁକ୍ତ ସନାତନ ପ୍ରଧାନ (୨୦), ଚୋରା ଗାଡି ରଖିଥିବା ଗୌଡିଆପଡା ଗ୍ରାମର ଶୁଭମ ସାମନ୍ତରାୟ, ଖଡିପଦର ସୁକାନ୍ତ ରାଉତରାୟ (୨୩), କବାଡିଆ ଜିନିଷ ବିକ୍ରେତା ନୟାଗଡ ଜିଲ୍ଲା ଇଟାମାଟି ଥାନା ଅଙ୍କୁଲାପାଟଣା ଗ୍ରାମର ଦିଲୀପ କୁମାର ସାହୁ (୩୪) । ଏଥିସହିତ ବାଇକ ରଖିଥିବା ଜାଲଭାର ଗ୍ରାମର ଜଣେ ୧୬ ବର୍ଷ ର ନାବାଳକ ପୁଲିସ ଜୁଭେନାଇଲ କୋର୍ଟରେ ହାଜର କରାଯାଇଛି । ସେମାନଙ୍କ ଠାରୁ ୧୫ଟି ଚୋରା ମୋଟରସାଇକେଲ ଓ ଭାଙ୍ଗିଯାଇଥିବା ମୋଟରସାଇକେଲ ପାର୍ଟସ, ୫ଟି ମୋବାଇଲ୍ ଫୋନକୁ ପୁଲିସ ଜବତ କରିଛି ।



ପ୍ରକାଶ ଥାଉକି, ଗତ ୬ତାରିଖି ସନ୍ଧ୍ୟାରେ ନିରକରପୁର କଲେଜ ଛକ ନିକଟରେ ଗାଡି ମୋଟର ଯାଂଚବେଳେ ଜଣେ ସନ୍ଦିଗ୍ଧ ମୋଟରସାଇକେଲ ଆରୋହୀଙ୍କୁ ଅଟକାଇଲା ଯିଏ ଖସିଯିବାକୁ ଚେଷ୍ଟା କରିଥିଲା । ନିରାକାରପୁର ପୋଲିସ ଷ୍ଟେସନ ସମ୍ମୁଖରେ ତାଙ୍କୁ ପିଛା କରି ଗିରଫ କରାଯାଇଥିଲା । ଆରୋହୀ ମୋଟରସାଇକେଲର ବୈଧ ମାଲିକାନା କାଗଜପତ୍ର ଦେଖାଇବାରେ ବିଫଳ ହୋଇଥିବାରୁ ଯାହା ଚୋରି ହୋଇଥିବା ପୁଲିସ ସନ୍ଦେହ କରିଥିଲା । ତଦନ୍ତ ସମୟରେ ଜଣାପଡିଥିଲା ଯେ ସେ ତାଙ୍କ ସହଯୋଗୀମାନଙ୍କ ସହିତ ଜଟଣୀ, ଖୋର୍ଦ୍ଧା ସହର, ପୁରୀ ଅଂଚଳ ଏବଂ ସଂଲଗ୍ନ ଜିଲ୍ଲାରୁ ଅନେକ ମୋଟରସାଇକେଲ ଚୋରି କରିଥିଲେ । ବେଆଇନ ଲାଭ ପାଇଁ ସେଗୁଡିକୁ କମ୍ ମୂଲ୍ୟରେ ବିକ୍ରି କରିଥିଲେ । ସେମାନଙ୍କୁ ଧରିବା ଲାଗି ଏସପି ଖୋର୍ଦ୍ଧା ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶରେ ଖୋର୍ଦ୍ଧା ଏସଡିପିଓ ନିହାର ରଞ୍ଜନ ପ୍ରଧାନ, ବାଲୁଗାଁ ଏସଡିପିଓ ସଞ୍ଜୟ କୁମାର ପଟ୍ଟନାୟକଙ୍କ ତତ୍ତ୍ୱବଧାନରେ ଏକ ଟିମ୍ ଗଠନ କରାଯାଇଥିଲା । ନିରାକାରପୁର ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟ, ଖୋର୍ଦ୍ଧା ଆଦର୍ଶ ଥାନା ଅଧିକାରୀ ସଞ୍ଜୟ କୁମାର ନାୟକ, ସଦର ଥାନା ଅଧିକାରୀ ବାସୁଦେବ ଜୟସିଂହ ଙ୍କ ନେତୃତ୍ୱରେ ଏହି ଟିମ୍ ରେ ଏସ ଆଇ ଦିପାଳିଶା ନାୟକ, ଏଏସଆଇ ଗୁପ୍ତା ପ୍ରସାଦ ମହାନ୍ତି, କନେଷ୍ଟବଳ ରଘୁନାଥ ବରାଡ, ପୀତବାସ ଦଳେଇ ଓ ମିଥୁନ ପ୍ରଧାନ ପ୍ରମୁଖ ସାମିଲ ହୋଇ ଏକାଧିକ ସ୍ଥାନରେ ଚଢାଉ କରି ସଫଳତାର ସହ ୧୫ଚୋରା ମଟରସାଇକେଲ ଜବତ କରିଥିଲେ ।ଏଥିସହିତ ଭାଙ୍ଗିଯାଇଥିବା ମୋଟରସାଇକେଲ ପାର୍ଟସ, ୫ଟି ମୋବାଇଲ୍ ଫୋନକୁ ପୋଲିସ ଜବତ କରିଛି ବୋଲି ଆଜି ଏସପି ଅଫିସରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସପି ବିବେକାନନ୍ଦ ଶର୍ମା ସୂଚନା ଦେଇଛନ୍ତି ।

### ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣା

## ଅଭିଯୁକ୍ତ ବିକ୍ରମ ପଣ୍ଡା ଅସୁସ୍ଥ

ବ୍ରହ୍ମପୁର,୮।୧(ନି.ପ୍ର.):: ବିକ୍ରମ ପଣ୍ଡା ଅସୁସ୍ଥ। ଚିକିତ୍ସା ପାଇଁ ବ୍ରହ୍ମପୁର ଏମକେସିଜି ମେଡିକାଲରେ ଭର୍ତ୍ତି। କଡ଼ା ସୁରକ୍ଷା ବଳୟରେ ବ୍ରହ୍ମପୁର ଜେଲରୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ଉଚ୍ଚ ରକ୍ତଚାପ ଯୋଗୁଁ ଅସୁସ୍ଥ ହୋଇପଡିଥିଲେ ବିକ୍ରମ। ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାରେ ଗିରଫ ହୋଇ ବ୍ରହ୍ମପୁର ଜେଲରେ ଅଛନ୍ତି ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା। ସୂଚନା ଅନୁଯାୟୀ, ଗତ ବର୍ଷ ଅକ୍ଟୋବର ୬ ତାରିଖରେ ପୀତବାସ ପଣ୍ଡାଙ୍କୁ ହତ୍ୟା କରାଯାଇଥିଲା। ୨୦୨୫ ଅକ୍ଟୋବର ୨୨ ତାରିଖରେ ବିକ୍ରମ ପଣ୍ଡା ଗିରଫ ହୋଇଥିଲେ। ଗତ ଜାନୁଆରୀ ୪ ତାରିଖରେ ପୋଲିସ ଏହି ମାମଲାରେ ଚାର୍ଜସିଟ୍ ଦାଖଲ କରିଥିଲା । ଏ ମାମଲାରେ ବିକ୍ରମଙ୍କ ସହ ମୋଟ ୧୬ ଜଣ ଅଭିଯୁକ୍ତ ଅଛନ୍ତି ।ବିକ୍ରମ କହିଛନ୍ତି ଯେ, ପୀତବାସ ପଣ୍ଡା ହତ୍ୟା ମାମଲାରେ ମୋତେ ଫସାଇ ଦିଆଯାଇଛି । ମୁଁ ନିର୍ଦ୍ଦୋଷ, ଅଯଥାରେ ଉଦ୍ଦେଶ୍ୟମୂଳକ ଭାବେ ମୋତେ ଫସାଯାଇଛି। ମୋତେ ଓ ବିଜେଡିକୁ ବଦନାମ କରିବାକୁ ଉଦ୍ୟମ କରାଯାଉଛି। ରାଜନୈତିକ ଉଦ୍ଦେଶ୍ୟ ରଖି ଏସବୁ କରାଯାଉଛି। ୪ ମାସ ହେଲା ଜେଲ୍ ଭିତରେ ବି ଅସୁବିଧା କରାଯାଉଛି। ନ୍ୟାୟପାଳିକା ଉପରେ ମୋର ପୂରା ଭରସା ରହିଛି, ମୁଁ ନ୍ୟାୟ ପାଇବି। ସେପଟେ ଜେଲ୍‌ରେ ୪ ମାସ ହେଲା ଅସୁବିଧା ହେଉଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି ଜେଲ୍ ଅଧୀକ୍ଷକ।

## ରୁଙ୍ଗଟା ମାଇନ୍ସ ପକ୍ଷରୁ ଦୁଇ ଦିନିଆ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଯୋଡ଼ା,୮।୨: ବଡ଼ବିଲ ମୁନସିପାଲିଟି ଅନ୍ତର୍ଗତ ରୁଙ୍ଗଟା ମାଇନ୍ସ ଲିମିଟେଡ୍ ପ୍ଲାଣ୍ଟ ଡିଭିଜନ ଅନୁକୂଳ୍ୟାରେ କାରାକୋଲ୍ହା ସ୍ପଞ୍ଜ ଆଇରନ ପ୍ଲାଣ୍ଟ ଏବଂ କରାଖେଣ୍ଡା ଷ୍ଟିଲ ପ୍ଲାଣ୍ଟର ସିଏସଆର. ବିଭାଗ ତରଫରୁ ୬ ତାରିଖ ଓ କରାଖେଣ୍ଡା ଗ୍ରାମ ପଞ୍ଚାୟତରେ ଏବଂ ୭ ତାରିଖରେ କାରାକୋଲ୍ହା ପ୍ରାଥମିକ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା। ଏହି ଦୁଇଟି ଶିବିରରେ ଆଖପାଖ ଗ୍ରାମର ୭୦୦ରୁ ଅଧିକ ଲୋକମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ନିଃଶୁଳ୍କ ଔଷଧ ମଧ୍ୟବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଚରିଜଣ ସ୍ପେଶାଲିଷ୍ଟ ଡାକ୍ତର ତଥା ଡା. ଶାଳିନୀ ଶର୍ମା,ଡା. ବିଶ୍ୱଜିତ ରାଉତ, ଡା. ମୁକ୍ତିକାନ୍ତ ମହାନ୍ତି ଏବଂ ଡା. ଅବିନାଶ ଶତପଥିଙ୍କ ସହ ତାଙ୍କ ସହକର୍ମୀ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଡ଼ବିଲ ମୁନସିପାଲିଟିର କାଉନସିଲର ବବିରାଣୀ ମହାନ୍ତ, ମୁଖ୍ୟ ଅତିଥି ସରପଞ୍ଚ ସୁବୁନି ମୁଣ୍ଡା ତଥା ମହାପ୍ରବନ୍ଧକ ସୁରେଶ କୁମାର ମହାପାତ୍ର, ମାନବ ସମ୍ବଳ ମହାପ୍ରବନ୍ଧକ ଆନନ୍ଦ ଚରଣ ସାହୁ, ବିଶ୍ୱରଂଜନ ପାଢ଼ୀ, ଶୈଳେନ୍ଦ୍ର କୁମାର ବାରିକ, ଶ୍ରୀଯୁକ୍ତ କେ. ସି. ପାତ୍ର, ଶ୍ରୀଯୁକ୍ତ ବି ଏନ ଝା, ସୁନ୍ଦରମ ତଥା କାରାକୋଲ୍ହା ପ୍ଲାଣ୍ଟର ମାନବ ସମ୍ବଳ ପ୍ରବନ୍ଧକ ସି ଏସ ମିଶ୍ର ଏବଂ ସରୋଜ ମହାପାତ୍ର, ସମାଜସେବୀ ଲଛମନ ମହାନ୍ତଙ୍କ ସହଯୋଗରେ ଏହି ଶିବିର ପରିଚାଳନା କରାଯାଇଥିଲା। ରୁଙ୍ଗଟା ମାଇନ୍ସ ଲିମିଟେଡ୍ ପ୍ଲାଣ୍ଟ ଡିଭିଜନର ନିର୍ଦ୍ଦେଶକ ପ୍ରମୋଦ କୁମାର ଦେଓଙ୍କ ତତ୍ତ୍ୱାବଧାନରେ ଏହି ଶିବିରକୁ ସୁଚାରୁରୂପେ ପରିଚାଳନା କରାଯାଇଥିବାରୁ ସ୍ଥାନୀୟ ଅଂଚଳର ବୁଦ୍ଧିଜୀବୀ ମହଲରେ ତାଙ୍କୁ ସାଧୁବାଦ ଜଣାଇଥିଲେ।



ସୋମବାର, ୦୯ ଫେବୃଆରୀ, ୨୦୨୬ ଭୁବନେଶ୍ୱର
MONDAY, 09 FEBRUARY, 2026, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଆମେରିକାର ଘେରାବନ୍ଦୀରୁ ମୁକ୍ତି ପାଇଁ ୟୁରୋପର ପ୍ରୟାସ

### ସୌମେନ୍ଦ୍ର ଜେନା

ଆମେରିକାର ସୃଷ୍ଟି ୟୁରୋପର ଜନସଂଖ୍ୟାକୁ କେନ୍ଦ୍ରକରି ସତ । ଆମେରିକାକୁ ନିରନ୍ତର ସମର୍ଥନ ୟୁରୋପ କରିଆସିଛି ସତ । ହେଲେ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଅଧିକ କ୍ଷତିଗ୍ରସ୍ତ ୟୁରୋପର କାନ୍ଧରେ ବସିବା ଦିନଠାରୁ ଆଜିଯାଏଁ ଆମେରିକା ବିଶ୍ୱକୁ ନାଲିଆଖି ଦେଖାଇ ଆସିଛି । ୟୁରୋପକୁ ସୁରକ୍ଷା ଦେବାର ବିଶ୍ୱାସ ଦେଖାଇ ରୁଷିଆର ଭୟକୁ ସାମ୍ନାରେ ରଖି ରକ୍ତଶୋଷି ଆସିଛି । ଯେମିତି ୟୁରୋପର ଶକ୍ତିଶାଳୀ ରାଷ୍ଟ୍ର ଜର୍ମାନୀର ସେନାସଂଖ୍ୟାରେ କଟକଣା, ଯୁଦ୍ଧାସ୍ତ୍ର ନିର୍ମାଣରେ କଟକଣା ଯୋଗୁ ଏକଦା ୫ଲକ୍ଷ ସେନାଥିବା ଜର୍ମାନୀର ସୈନ୍ୟଶକ୍ତି ବିଗତ ୭୫ବର୍ଷରେ ହ୍ରାସ ପାଇଁ ଏବେ ଦୁଇଲକ୍ଷରୁ କମ୍ ରହିଛି । ସେମିତି ବ୍ରିଟେନ ଏକଲକ୍ଷ ୮୪ହଜାର, ପୋଲାଣ୍ଡ ଦୁଇଲକ୍ଷ, ଫ୍ରାନ୍ସ ଦୁଇଲକ୍ଷ, ଇଟାଲୀ ଏକଲକ୍ଷ ୭୧ହଜାର, ଗ୍ରୀସ ୧ଲକ୍ଷ ୧୦ହଜାର ସେନାକୁ ନେଇ ରହିଛନ୍ତି । ଅନ୍ୟପକ୍ଷରେ ତୁର୍କୀର ସାଢେ ତିନିଲକ୍ଷ ସେନା ରହିଛନ୍ତି । ମୁନଷ୍ଟରଠାରେ ଆମେରିକା, ଡେନମାର୍କ, ନରୱେ, ସ୍ପେନ, ଇଟାଲୀ, ବ୍ରିଟେନ ସମେତ ଅନ୍ୟାନ୍ୟ ନାଟୋ ମେଣ୍ଟ ରାଷ୍ଟ୍ରର ସେନା ମୁତୟନ ଅଛନ୍ତି । ସେମିତି ଫ୍ରାନ୍ସର ଷ୍ଟ୍ରାସବର୍ଗଠାରେ ୟୁରୋକର୍ପସର ପ୍ରାୟ ଏକହଜାର ସେନା ଫ୍ରାନ୍ସ ଓ ଜର୍ମାନୀର ରହିଛନ୍ତି । ଆମେରିକା ସୁରକ୍ଷା ପ୍ରଦାନ ଆଳରେ ୟୁରୋପୀୟ ରାଷ୍ଟ୍ରଗୁଡିକୁ ନିଜର ପ୍ରତିରକ୍ଷା ସାମଗ୍ରୀ ବିକ୍ରିକରି ଢେର ଲାଭବାନ ହୋଇଛି । ସେମିତି ୟୁରୋପରୁ ଯଥେଷ୍ଟ ବାଣିଜ୍ୟିକ ଲାଭ ପାଇଆସୁଛି । ସେହିପରି ଟେକ୍ନୋଲୋଜୀ କ୍ଷେତ୍ରରେ ମଧ୍ୟ ଆମେରିକା ନିଜ ପ୍ରଭାବକୁ କାଏମ୍ ରଖିଛି । ଆମେରିକାର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ତାଙ୍କ ପ୍ରଥମ ପାଳିର ଦାୟିତ୍ୱ କାଳରେ ୟୁରୋପୀୟ ରାଷ୍ଟ୍ରଗୁଡିକୁ ପ୍ରତିରକ୍ଷା ପାଇଁ ଖର୍ଚ୍ଚ ବୃଦ୍ଧି କରିବାକୁ କହିଥିଲେ । ଏବେ ଦ୍ୱିତୀୟ ପାଳିରେ ରାଷ୍ଟ୍ରପତି ହେବା ପରେ ରୁଷିଆର ଭୟ ଦେଖାଇ ୟୁରୋପୀୟ ରାଷ୍ଟ୍ରଙ୍କୁ ଅସ୍ତ୍ରଶସ୍ତ୍ର ବିକ୍ରି କରିବା ଲକ୍ଷ୍ୟରେ ଭୟଭୀତ କରିବାକୁ ଯାଇ ଗ୍ରୀନଲାଣ୍ଡକୁ ଦଖଲ କରିବା ଲାଗି ଘୋଷଣା କରିସାରିଛନ୍ତି । କହିବାକୁ ଗଲେ ୟୁରୋପକୁ ରୁଷିଆଠାରୁ ଦୂରେଇ ରଖିବା ଆଳରେ ଆମେରିକା ନିଜର ଆର୍ଥିକ ସ୍ୱାର୍ଥ ପୂରଣ କରିଆସିଛି । ସିରିଆ, ଇରାକ, ଆଫଗାନିସ୍ଥାନରେ ଯୁଦ୍ଧକରି ଆମେରିକା ଯେଉଁ ଅସ୍ଥିରତା ସୃଷ୍ଟି କଲା ତାର ଫଳସ୍ୱରୂପ ଜିହାଦି ଶରଣାର୍ଥୀମାନଙ୍କୁ ୟୁରୋପରେ ଥଇଥାନ କରିବାକୁ ଚାପ ସୃଷ୍ଟିକଲା । ଫଳରେ ଲକ୍ଷଲକ୍ଷ ମୁସଲିମ ଲୋକେ ୟୁରୋପରେ ପ୍ରବେଶ କରି ଏବେ ଧ୍ୱଂସଲୀଳା ଚଳାଇଛନ୍ତି । ୟୁରୋପର ଆଇନଗତ ଦୁର୍ବଳତାର ସୁଯୋଗ ନେଇ ମୁସଲିମମାନେ ସେଠାରେ ନିଜର ଏଜେଣ୍ଡା ଚଳାଇବାକୁ ସଫଳ ହୋଇଛନ୍ତି । ନ୍ୟୁୟର୍କଠାରୁ ଲଣ୍ଡନ ପର୍ଯ୍ୟନ୍ତ ଜିହାଦିଙ୍କ ସମର୍ଥନକାରୀ ମୁସଲିମ ନେତା ମେୟର ହୋଇଛନ୍ତି, ଯାହା ଆଗାମୀ ଦିନରେ ୟୁରୋପକୁ କ୍ଷତିଗ୍ରସ୍ତ କରିବ । ତେଣୁ ଇସଲାମିକ ଜିହାଦର ବିରୁଦ୍ଧରେ ଦୀର୍ଘ ଦେଢ ହଜାର ବର୍ଷ ଧରି ଲଢୁଥିବା ଭାରତ ସହ ସଂପର୍କ ବୃଦ୍ଧିକରି ଟୋପିବାଜୀ ଷଡଯନ୍ତ୍ରର ବିରୋଧ କରିବାକୁ ୟୁରୋପର ନେତାମାନେ ଆଗେଇଛନ୍ତି । ଏହି କ୍ରମରେ ଇଟାଲୀର ଜର୍ଜିଆ, ମେଲୋନୀଙ୍କଠାରୁ ଆରମ୍ଭକରି ଜର୍ମାନୀ ବେଲଜିୟମ ଆଦି ରାଷ୍ଟ୍ରର ନେତାମାନେ ମଧ୍ୟ ସାମିଲ ହୋଇଛନ୍ତି । କାରଣ ଟ୍ରମ୍ପ ଆମେରିକାର ଦୋଷକୁ ଗ୍ରହଣ ନକରି ଏହି ମାମଲାରେ ୟୁରୋପର ନେତାମାନଙ୍କୁ ସମାଲୋଚନା କରି ଅପମାନିତ କରିବାକୁ ଚେଷ୍ଟା କରୁଛନ୍ତି । ୟୁରୋପକୁ ଦୀର୍ଘଦିନ ଧରି ହାତବାରିସୀ କଳାପରେ ଟ୍ରମ୍ପ ଏବେ ୟୁରୋପକୁ ନିଜ ଆଙ୍ଗୁଠିରେ ନଚାଇବାକୁ ଚେଷ୍ଟା କରୁଛନ୍ତି, ଯାହାକୁ ଜର୍ମାନୀ, ବ୍ରିଟେନ, ଫ୍ରାନ୍ସ, ବେଲଜିୟମ ଆଦି ରାଷ୍ଟ୍ରର ନେତାମାନେ ସିଧାସଳଖ ବିରୋଧ କରୁଛନ୍ତି ।

ମୋଦିଙ୍କ ମୌନକୂଟନୀତିକୁ କେନ୍ଦ୍ରକରି ଏବେ ଅଧିକ ଆଲୋଚନା ହେଉଛି । ୟୁକ୍ରେନ-ରୁଷିଆ ମଧ୍ୟରେ ଭାରତର ତେଲ କିଣା ହେଉ, ମଣିପୁର ହିଂସାକାଣ୍ଡ ହେଉ ଅଥବା ଟ୍ରମ୍ପଙ୍କ ପାକ୍ ସଂକ୍ରାନ୍ତରେ ସମାଲୋଚନା- ଏସବୁ ମାମଲାରେ ଭାରତର ପ୍ରଧାନମନ୍ତ୍ରୀ ଖୋଲାଖୋଲି କିଛି କହିବା ଦରକାର ବୋଲି ଅନେକ ସମାଲୋଚକ କହିଆସିଛନ୍ତି । ଦେଖାଯାଉଛି ଯେ ମୋଦି ନିଜେ ଚୁପ୍ ରହି ଉତ୍ତର ଦେବାଲାଗି ଅନେକ ବିଷୟରେ ବିଦେଶମନ୍ତ୍ରୀ ଜୟଶଙ୍କର କିମ୍ବା ଅନ୍ୟନେତାଙ୍କୁ ସାମ୍ନାକୁ ଛାଡୁଛନ୍ତି । ଅତୀତ ଦିନମାନଙ୍କରେ ୟୁରୋପର ସମାଲୋଚନାର ଉତ୍ତର ଜୟଶଙ୍କର ବହୁ ଭଲଭାବେ ଦେଇଥିଲେ । ଆମେରିକାର ଚାପ କିମ୍ବା ନିର୍ଦ୍ଦେଶରେ କଥା ନକହି ସମସ୍ୟାର ସମାଧାନ ପାଇଁ କହିବା ଦରକାର ବୋଲି କହିଥିଲେ । କହିବାକୁ ଗଲେ ମୋଦିଙ୍କ ଏହି ମଉନ ରହିବା ନୀତି ଭାରତର ବିକାଶପାଇଁ ସହାୟକ ହୋଇଛି । ସେ ମୌନରହି ଆମେରିକାର ଅଯଥା ଦାବିକୁ ମିଥ୍ୟା ବୋଲି ପ୍ରମାଣିତ କରିସାରିଛନ୍ତି । ଟ୍ରମ୍ପଙ୍କ ବ୍ରାଜିଲ, ଭାରତ ସମେତ ଅନେକରାଷ୍ଟ୍ର ବିରୋଧରେ ବିଷୋଦଗାର ଏବଂ ଶୁଳ୍କ ଲାଗୁ କରିବା ନୀତି ଯୋଗୁ ବହୁରାଷ୍ଟ୍ର ଏବେ ଆମେରିକାର ବିରୋଧୀ ହୋଇଛନ୍ତି, ଆମେରିକା ଉପରୁ ବିଶ୍ୱାସ ହରାଇଛନ୍ତି । ୟୁରୋପୀୟ ରାଷ୍ଟ୍ର ସମୂହ ଏବଂ ନାଟୋ ମେଣ୍ଟର ରାଷ୍ଟ୍ରଗୁଡିକ ତନ୍ମଧ୍ୟରେ ରହିଛନ୍ତି । ଆମେରିକା ସହ ସଂପର୍କ ଖରାପ ହେବାପରେ ୟୁରୋପର ଯେଉଁ ବାଣିଜ୍ୟିକ କ୍ଷତି ହେବ ତାର ଭରଣା ପାଇଁ ସେମାନେ ଭାରତ ସହ ଖୁବଶିଘ୍ର ବୁଝାମଣା କରିବାକୁ ସ୍ଥିର କଲେ । କାରଣ ଏବେ ଆର୍ଥିକ ବିକାଶ ଦୃଷ୍ଟିରୁ ଭାରତର ବିକାଶ ହାର ଅନ୍ୟମାନଙ୍କ ତୁଳନାରେ ଢେର ଆଗରେ ରହିଛି । ବଜାର ମଧ୍ୟ ଏକପ୍ରକାର ସ୍ଥିର ଓ ବିକାଶମୁଖୀ ଅବସ୍ଥାରେ ରହିଛି । ଏଥିରୁ ଲାଭ ଉଠାଇବା ପାଇଁ ୟୁରୋପୀୟ ସଂଘ ଚାହିଁଲା ।

ସ୍ୱିଜରଲାଣ୍ଡରେ ଅନୁଷ୍ଠିତ ଜାନୁଆରୀ ମାସର ଡାଭୋସ ଆଲୋଚନାରେ ଟ୍ରମ୍ପଙ୍କ ବିରୋଧରେ ୟୁରୋପୀୟ ନେତୃବୃନ୍ଦଙ୍କ ସମାଲୋଚନା ଦୃଷ୍ଟିକୁ ଆସିଥିଲା । ଆମେରିକାର ପଡୋଶୀ ଏବଂ ସହଯୋଗୀ ରାଷ୍ଟ୍ର କାନାଡାର ପ୍ରଧାନମନ୍ତ୍ରୀ ମାର୍କ କାର୍ନି ଟ୍ରମ୍ପଙ୍କୁ ଧମକ ଦେବାସହ କଠୋର ସମାଲୋଚନା କରିଥିଲେ । ଆଇଏମ୍ଏଫ୍ର କ୍ରିଷ୍ଟାଲିନା ଜର୍ଜିଏଭା ଏବଂ ୱର୍ଲଡ ଇକୋନୋମିକ ଫୋରମର ଅଧ୍ୟକ୍ଷ ବୋର୍ଗେ ବ୍ରେଣ୍ଡେ ଆମେରିକା ଉପରୁ ନିର୍ଭରଶୀଳତା ହ୍ରାସ କରିବାକୁ ଆହ୍ୱାନ ଦେଇଥିଲେ । ୟୁରୋପୟ ୟୁନିଅନର ଅଧ୍ୟକ୍ଷ ଏଣ୍ଟୋନିଓ କୋଷ୍ଟା, ୟୁରୋପୀୟ ୟୁନିଅନ କମିଶନର ଅଧ୍ୟକ୍ଷା ଉର୍ସୁଲା, ଉପାଧ୍ୟକ୍ଷା କାଜା କାଲ୍ଲାସ ପ୍ରମୁଖ ଡାଭୋସ ଆଲୋଚନା ସମୟରେ ଆମେରିକାକୁ ସମାଲୋଚନା କରିବା ସହ ଭାରତ ସହ ୟୁରୋପୀୟ ସଂଘ ବିଶ୍ୱର ସର୍ବବୃହତ ବାଣିଜ୍ୟିକ ବୁଝାମଣା କରିବାକୁ ଯାଉଥିବା ସଂକ୍ରାନ୍ତରେ ସୂଚନା ଦେଇଥିଲେ । ତା ପୂର୍ବରୁ ଜାନୁଆରୀ ମାସରେ ଭାରତ ଗସ୍ତରେ ଆସିଥିବା ଜର୍ମାନୀର ଚାନସେଲର ଫ୍ରେଡେରିକ ମର୍ଜ ମଧ୍ୟ ଯଥାସମ୍ଭବ ଦ୍ୱିପାକ୍ଷିକ ବୁଝାମଣା ଶେଷ ହେବା ସପକ୍ଷରେ ମତ ଦେଇଥିଲେ । ତାଙ୍କ ବକ୍ତବ୍ୟରୁ ୟୁରୋପୀୟ ୟୁନିଅନ ସବୁ କିଛି ଠିକ୍ କରିସାରିଥିବା ମନେ ହେଉଥିଲା , ଯାହା ୨୭ ଜାନୁଆରୀ ଦିନ ଶେଷ ହେଲା ।

ୟୁରୋପୀୟ ସଂଘ ସହ ଭାରତର ମୁକ୍ତ ବାଣିଜ୍ୟ ବୁଝାମଣା ପାଇଁ ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ ଏବଂ ସଚିବ ରାଜେଶ ଅଗ୍ରୱାଲ ବହୁ ପରିଶ୍ରମ କରିଥିଲେ । ଉର୍ସୁଲା ଏବଂ କୋଷ୍ଟାଙ୍କ ପାଇଁ ଲାଲକାର୍ପେଟ ବିଛାଇ ସ୍ୱାଗତ କରାଯାଇଥିଲା । ୨୬ ଜାନୁଆରୀ ସାଧାରଣତନ୍ତ୍ର ଦିବସ ପରେଡକୁ ଦୁଇନେତାଙ୍କୁ ଅତିଥି କରିବା ସହ ଭାରତର ସୈନ୍ୟ ଶକ୍ତି ଓ ଅସ୍ତ୍ରଶକ୍ତିର ପ୍ରଦର୍ଶନ କାଳରେ ସେମାନଙ୍କୁ ପରିଚିତ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ନିଜେ ପ୍ରତ୍ୟେକଟି ପ୍ରତିରକ୍ଷା ସାମଗ୍ରୀ ପରେଡରେ ଯିବା ସମୟରେ ତା ସଂପର୍କରେ ୟୁରୋପୀୟ ନେତାମାନଙ୍କୁ ବୁଝାଉଥିଲେ । ଅପରେସନ ସିନ୍ଦୂର ମଡେଲରେ କିପରି ଭାରତର ବାୟୁସେନା ପାକ୍ରେ ଥିବା ଚୀନର ରାଡାର ଏବଂ ଆମେରିକାର ଏଫ୍-୧୬ ଯୁଦ୍ଧ ବିମାନଗୁଡିକୁ ନଷ୍ଟ କରିବାକୁ ସକ୍ଷମ ହୋଇଥିଲା । ସେ ବିଷୟରେ କହିଥିଲେ । ଏପରିକି ଭାରତର ରକେଟର ମାରକ କ୍ଷମତା, ତୋପ, ରାଡାର, ଟ୍ୟାଙ୍କ, ପ୍ରତିରକ୍ଷା ବ୍ୟବସ୍ଥା ଆଦି କିପରି ଉନ୍ନତମାନର ସେ ବିଷୟରେ ୟୁରୋପୀୟ ନେତାମାନଙ୍କୁ ପରିଚିତ କରାଇଥିଲେ । ଦୁଇ ୟୁରୋପୀୟ ନେତାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏକ ଖୋଲା ଘୋଡାଗାଡିରେ ପରେଡ ସ୍ଥାନକୁ ନେଇଥିଲେ । ପୂର୍ବରୁ ରାଷ୍ଟ୍ରପତି ଭବନଠାରେ ଦୁଇନେତାଙ୍କୁ ପାଇଁ ଗାର୍ଡ ଅଫ ଅନର ଦିଆଯାଇଥିଲା । ରାଷ୍ଟ୍ରପତି ମଧ୍ୟ ସେମାନଙ୍କ ପାଇଁ ଏକ ଭୋଜୀର ବ୍ୟବସ୍ଥା କରିଥିଲେ, ଯେଉଁଥିରେ ଅନେକ କୂଟନୀତିଜ୍ଞ ଏବଂ ରାଜନେତା ଯୋଗ ଦେଇଥିଲେ । ଭାରତରେ ଆତିଥ୍ୟ ଏବଂ ସମ୍ବର୍ଦ୍ଧନା ପାଇ ୟୁରୋପୀୟ ନେତାମାନେ ବେଶ୍ ଖୁସି ଥିବାର ଦେଖାଯାଇଥିଲା ।

ହାଇଦ୍ରାବାଦ ହାଉସଠାରେ ଅନୁଷ୍ଠିତ ଦ୍ୱିପାକ୍ଷିକ ଆଲୋଚନା ପରେ ମିଳିତ ଘୋଷଣାନାମା ପ୍ରକାଶ ପାଇଥିଲା । ୟୁରୋପୀୟ କାଉନସିଲ ଅଧ୍ୟକ୍ଷ ତଥା ପର୍ତ୍ତୁଗାଲର ପୂର୍ବତନ ପ୍ରଧାନମନ୍ତ୍ରୀ ଏଣ୍ଟୋନିଓ କୋଷ୍ଟା ନିଜକୁ ଜଣେ ପ୍ରବାସୀ ଭାରତୀୟ କହି ନିଜ ପକେଟରୁ ଭାରତର ପାସପୋର୍ଟ କାଢି ଦେଖାଇଥିଲେ । କୋଷ୍ଟାଙ୍କ ପରିବାର ଏକଦା ଗୋଆର ବାସିନ୍ଦା ଥିଲେ । ଗୋଆ ଭାରତରେ ସାମିଲ ହେବାପରେ ପରେ ତାଙ୍କ ପରିବାର ପର୍ତ୍ତୁଗାଲକୁ ଚାଲିଯାଇଥିଲେ । ସୋସିଆଲିଷ୍ଟ ପାର୍ଟିର କୋଷ୍ଟା ୨୦୧୫ରୁ ୨୦୨୪ଯାଏଁ ପର୍ତ୍ତୁଗାଲର ଶାସନ ଦାୟିତ୍ୱରେ ଥିଲେ । ଗୋଆରେ ତାଙ୍କୁ ସମସ୍ତେ ଆଦରରେ ବାବୁସ୍ ବୋଲି ଡାକିଥାନ୍ତି । ୨୦୧୭ରେ ପ୍ରବାସୀ ଭାରତୀୟ ଭାବେ ତାଙ୍କୁ ସମ୍ମାନୀତ କରାଯାଇଥିଲା ।୨୦୦୫ରେ ଭାରତର ଦୀର୍ଘକାଳୀନ ଭିସା ବିଦେଶରେ ବାସ କରୁଥିବା ଭାରତୀୟ ମୂଳର ଲୋକଙ୍କ ପାଇଁ ଦିଆଯାଇଥିଲା । ହେଲେ ଏଥିରେ କୌଣସି ପ୍ରକାର ରାଜନୈତିକ ଅଧିକାର ମିଳେ ନାହିଁ । କୋଷ୍ଟା ତାଙ୍କ ବକ୍ତବ୍ୟରେ ଦ୍ୱିପାକ୍ଷିକ ବୁଝାମଣାକୁ ସ୍ୱାଗତ କରିବା ସହ ୟୁକ୍ରେନରେ ଶାନ୍ତି ସ୍ଥାପନା ପାଇଁ ଭାରତର ସହଯୋଗ ଲୋଡିଥିଲେ । ଏପରିକି ଆବଶ୍ୟକ ହେଲେ ୟୁକ୍ରେନ ନିଜର ସ୍ୱାର୍ଥତ୍ୟାଗ କରିବାକୁ ପ୍ରସ୍ତୁତ ଥିବା କଥା ମଧ୍ୟ ସେ ପ୍ରକାଶ କରିଥିଲେ । ୟୁକ୍ରେନରେ ଯୁଦ୍ଧ ବନ୍ଦ କରିବାକୁ ରୁଷିଆକୁ ଭାରତ ପ୍ରଭାବିତ କରିପାରିବ ବୋଲି ୟୁରୋପୀୟ ନେତୃବୃନ୍ଦଙ୍କ ଗଭୀର ବିଶ୍ୱାସ ରହିଛି ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# ଭାରତ -ଆମେରିକା ବାଣିଜ୍ୟ ଚୁକ୍ତି

ଭାରତ ଓ ଆମେରିକା ମଧ୍ୟରେ ବହୁ ପ୍ରତିକ୍ଷୀତ ବାଣିଜ୍ୟ ଚୁକ୍ତି ଘୋଷଣା ହୋଇଯାଇଛି । ଏହା ସହିତ ବିଭିନ୍ନ ପ୍ରକାର ଚର୍ଚ୍ଚା, ଆଲୋଚନା, କଳ୍ପନା,ଜଳ୍ପନା ଆଦିର ଅବସାନ ଘଟିଛି ଓ କାହିଁକି ଏହି ଟ୍ରେଡ୍ ଡିଲ ସ୍ୱାକ୍ଷର ପାଇଁ ଭାରତ ପକ୍ଷରୁ ଆଗ୍ରହ ପ୍ରକାଶ ପାଉନାହିଁ, କଣ ଉଦ୍ଦେଶ୍ୟ ରଖି ଆମେରିକା ବିଳମ୍ବ କରୁଛି, ସେ ନେଇ ବିଭିନ୍ନ ମହଲରେ ଭିନ୍ନ ମତ ପ୍ରକାଶ ପାଇଥିଲା । ଶେଷରେ ଚୁକ୍ତି ଚୂଡାନ୍ତ ହେଲା ବୋଲି ନିଜେ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ଟ୍ୱିଟ୍ ମାଧ୍ୟମରେ ଜଣାଇବା ପରେ ଭାରତୀୟ ଗଣମାଧ୍ୟମ ଏହାକୁ ଏକ ପ୍ରମୁଖ ଖବର ଭାବରେ ବ୍ୟାପକ ପ୍ରଚାର କରିଛି । ପ୍ରକାଶଯୋଗ୍ୟ ଆମେରିକା ଭାରତ ଉପରେ ୫୦ ପ୍ରତିଶତ ଟାରିଫ ଘୋଷଣା କରିବା ପରେ ଟ୍ରମ୍ପଙ୍କ ଏଭଳି ନିଷ୍ପତ୍ତିକୁ କଠୋର ସମାଲୋଚନା କରାଯାଇଥିଲା ଓ ତେବେ ଟ୍ରମ୍ପ ଭାରତ ପ୍ରତି ନରମ ଆଭିମୁଖ୍ୟ ଗ୍ରହଣ କରିଛନ୍ତି ଓ ଟାରିଫକୁ ୧୮ ପ୍ରତିଶତକୁ ହ୍ରାସ କରିଛନ୍ତି । ଏଣିକି ଭାରତ ଆମେରିକାକୁ ରପ୍ତାନୀ କରୁଥିବା ଉତ୍ପାଦ ଉପରେ ୧୮ ପ୍ରତିଶତ ଟାରିଫ ଲାଗିବ ଓ ଆମେରିକାରେ ଭାରତ ଉତ୍ପାଦ ମହଙ୍ଗା ହେବ ଓ ଏହା ଦ୍ୱାରା ଭାରତର ରପ୍ତାନିକାରୀମାନେ କେତେଦୂର ଲାଭବାନ ହେବେ କିମ୍ବା କେତେ କ୍ଷତି ସହିବେ,ତାହା କହିହେବ ନାହିଁ ଓ ଅର୍ଥନୀତି ଉପରେ ଏହାର ନକାରାତ୍ମକ ପ୍ରଭାବ ପଡିବାର ମଧ୍ୟ ଆଶଙ୍କା ରହିଛି । କେନ୍ଦ୍ରମନ୍ତ୍ରୀମାନେ ଫୁଲମାଳ ପିନ୍ଧାଇ ପ୍ରଧାନମନ୍ତ୍ରୀଙ୍କୁ ସବାସୀ ଦେଉଥିବାବେଳେ ଗଣମାଧ୍ୟମ ଏହାକୁ ମୋଦିଙ୍କ ମାଷ୍ଟରଷ୍ଟ୍ରୋକ କହିବାକୁ ପଛାଇ ନାହିଁ ଓ କିନ୍ତୁ ଉଭୟ ଦେଶ ମଧ୍ୟରେ ଏଯାବତ ଏ ନେଇ କୌଣସି ବିଧିବଦ୍ଧ ଚୁକ୍ତି ସ୍ୱାକ୍ଷରିତ ହୋଇନାହିଁ କିମ୍ବା ମିଳିତ ବିବୃତ୍ତି ପ୍ରକାଶ ପାଇନାହିଁ ଓ କେବଳ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏକ ଟ୍ୱିଟ କରି ଏ ସମ୍ପର୍କରେ ଜଣାଇବା ପରେ ପ୍ରଧାନମନ୍ତ୍ରୀ ମୋଦି ତାଙ୍କୁ ଅଶେଷ ଧନ୍ୟବାଦ ଜ୍ଞାପନ କରିଛନ୍ତି । ଚୁକ୍ତି ସ୍ୱାକ୍ଷରିତ ହେଲେ ଭାରତ ଆମେରିକା ଠାରୁ ଅଧିକ ମୂଲ୍ୟରେ ଅଶୋଧିତ ତୈଳ କିଣିବ ଓ ଆମେରିକାର ରପ୍ତାନୀ ବଢ଼ିବ କିନ୍ତୁ ଭାରତର ରପ୍ତାନୀ ବଢ଼ିବାର ଆଶା କ୍ଷୀଣ ଓ ଏହି ଚୁକ୍ତି ଆସନ୍ତା ମାର୍ଚ୍ଚରେ ଚୂଡାନ୍ତ ରୂପରେଖ ନେବ ବୋଲି ସରକାର ସ୍ପଷ୍ଟୀକରଣ ଦେଇଥିଲେ ମଧ୍ୟ ଆଗକୁ କଣ ହେବ ତାହା ଅନିଶ୍ଚିତତାର ଘେରରେ ରହିଛି । ଆମେରିକା ପ୍ରଥମେ ୫୦ ପ୍ରତିଶତ ଟାରିଫ ଲଗାଇଥିଲା ଓ ଭାରତ ରୁଷ କିମ୍ବା ଇରାନ ଠାରୁ ଆଉ ତେଲ କିଣିବ ନାହିଁ ବୋଲି ପ୍ରତିଶ୍ରୁତି ଦେବା ପରେ ଟ୍ରମ୍ପ ଖୁସି ହୋଇ ୨୫ ପ୍ରତିଶତ ଟାରିଫ ହଟାଇ ଦେଇଥିଲେ ଓ ପରବର୍ତ୍ତୀ ସମୟରେ ଆଉ କିଛି ସର୍ତ୍ତରେ ଭାରତ ରାଜି ହେବା ଫଳରେ ହୁଏତ ଟ୍ରମ୍ପ ଅଧିକ ଖୁସି ହୋଇ ଟାରିଫକୁ ୨୫ରୁ ୧୮ ପ୍ରତିଶତକୁ ହ୍ରାସ କରିଛନ୍ତି । ଭାରତ କିନ୍ତୁ ଆମେରିକାରୁ ଆମଦାନୀ ଉପରେ ୦ ପ୍ରତିଶତ ଟାରିଫ ଲଗାଇବାକୁ ନିଷ୍ପତ୍ତି ନେଇଛି ଓ ଏହା ଫଳରେ ଆମେରିକାର କମ୍ପାନୀମାନେ ଅଧିକ ଉତ୍ସାହିତ ହୋଇ ଭାରତରେ ବ୍ୟବସାୟିକ କାରବାର କରିପାରିବେ ଓ ଅଶୋଧିତ ତୈଳ ସହିତ କୃଷି । ଦୁଗ୍ଧ ଜାତ ଦ୍ରବ୍ୟ, କୃଷି ଉପକରଣ, ଗହମ,କପାସ ଆଦି ଭାରତକୁ ରପ୍ତାନୀ କରିବ । ଏହା ଫଳରେ ୬୦ ପ୍ରତିଶତ କୃଷି ଉପରେ ନିର୍ଭରଶୀଳ ଭାରତର କୃଷକମାନଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲିଯିବ ବୋଲି କେତେକ କୃଷି ବିଶେଷଜ୍ଞ ଆଶଙ୍କା ପ୍ରକାଶ କରୁଥିବାବେଳେ ଭାରତ ସରକାର ବିସ୍ତୃତ ଭାବରେ ସମସ୍ତ ବିଷୟ ଚିନ୍ତା କରି ନିଷ୍ପତ୍ତି ନେବେ ବୋଲି ଆଶା କରାଯାଏ । ଆମେ ଦେଶ ହିତକୁ ଦୃଷ୍ଟିରେ ରଖି ଆତ୍ମନିର୍ଭର ଭାରତ କଥା କହୁଥିବାବେଳେ ଅନ୍ୟାନ୍ୟ ଦେଶରୁ ଆମଦାନୀ ହ୍ରାସ କରି ଆମେରିକାକୁ ଅଧିକ ଆତ୍ମନିର୍ଭର କରିବା ସହିତ ରାଷ୍ଟ୍ରପତି ଟ୍ରମ୍ପ ଡଲାରକୁ ଅଧିକ ମଜଭୁତ କରିବା ଉଦ୍ୟମ ଅବ୍ୟାହତ ରଖିଛନ୍ତି ।

# ପୋକ୍ସୋ ଆଇନର ଅପବ୍ୟବହାର

### ଯୁଧିଷ୍ଠିର ମହାରଣା

ମାନ୍ୟବର ସୁପ୍ରିମକୋର୍ଟ ଯୌନ ଅପରାଧିଙ୍କୁ ଶିଶୁଙ୍କ ସୁରକ୍ଷା (ପୋକ୍ସୋ) ଆଇନର ଅପବ୍ୟବହାର ନେଇ ଉଦବେଗ ପ୍ରକାଶ କରିଥିବାରୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଚର୍ଚ୍ଚାକୁ ଆସିଛି । ମାନ୍ୟବର କୋର୍ଟ ବିଦ୍ୟାଳୟରେ ଦୁଷ୍କର୍ମ ବିରୋଧୀ ଆଇନ ଓ ବାଧ୍ୟତାମୂଳକ ଯୌନ ଶିକ୍ଷା ଦେବା ନିମିତ୍ତ ଏକ ଆବେଦନ ଶୁଣାଣୀ କଲାବେଳେ ଏହା ସ୍ପଷ୍ଟ କରିଥିଲେ ଯେ କିଶୋର କିଶୋରୀଙ୍କ ମଧ୍ୟରେ ସମ୍ମତିଯୁକ୍ତ ସମ୍ପର୍କ କେସ ଗୁଡ଼ିକରେ ଏହି ଆଇନର ଅପବ୍ୟବହାର କରାଯାଉଥିବା ଜଣାପଡ଼ିଛି । ଦେଶରେ ପୋକ୍ସୋ ଆଇନ ଓ ଏହାର ଅପବ୍ୟବହାର ମାମଲା ଏକ ବଡ଼ ବିତର୍କ ମଧ୍ୟ ସୃଷ୍ଟି କରିଛି ।

ପୋକ୍ସୋ ଆଇନର ମୂଳ ଉଦ୍ଦେଶ୍ୟ ମହତ ଥିଲା । ଶିଶୁମାନଙ୍କୁ ଯୌନ ଅପରାଧରୁ ରକ୍ଷା କରିବା ଲାଗି ଏହା ପ୍ରଣୟନ କରାଯାଇଥିଲା । କାରଣ ଏହି ସ୍ୱତନ୍ତ୍ର ଆଇନ ଆବଶ୍ୟକ ବୋଲି ଅନୁଭବ କରାଯାଇଥିଲା । ଏହାର ଉଦ୍ଦେଶ୍ୟ ଅନେକାଂଶରେ ସାଧିତ ହୋଇଛି । ଅନେକ ଅପରାଧୀଙ୍କ ବିରୋଧରେ ଏଥିଯୋଗୁଁ କାର୍ଯ୍ୟାନୁଷ୍ଠାନ ହୋଇଛି । କିନ୍ତୁ ସୁରକ୍ଷା ପାଇଁ ଏକ ଅତ୍ୟାବଶ୍ୟକ ପଦକ୍ଷେପ ବୋଲି ଆଇନ କାର୍ଯ୍ୟକାରିତା ସ୍ତରରେ ଅନେକ ସମସ୍ୟା ସୃଷ୍ଟି କରିଛି । ଏହାକୁ ବେଳେ ବେଳେ ଆୟୁଧ ଭାବେ ବ୍ୟବହାର କରାଯାଇ ସ୍ୱାଭାବିକ ସମ୍ପର୍କକୁ ବି ଦଣ୍ଡିତ କରିବା ପାଇଁ ପୋକ୍ସୋ ଆଇନର ଅପପ୍ରୟୋଗ ହେଉଛି । ଆଇନ ଅନୁସାରେ ୧୮ ବର୍ଷ ବୟସରୁ କମ ଜଣେ ବାଳିକା କୌଣସି ପରିସ୍ଥିତିରେ ଯୌନ ସମ୍ପର୍କ ପାଇଁ ସମ୍ମତି ଦେଇପାରିବେ ନାହିଁ । ସୁତରାଂ ସେହି ବୟସ ଭିତରେ ଥିବା କୌଣସି ବାଳିକା ସହ ଯୌନ ସମ୍ପର୍କକୁ ଅପରାଧ ବୋଲି ଧରାଯିବ । ଗତ କିଛି ବର୍ଷ ଭିତରେ ସାମାଜିକ ରୀତି-ରିୱାଜ ବା ଆଚାର ବିଚାର ଏବଂ ଯୁବଶ୍ରେଣୀରେ ସମ୍ପର୍କର ପ୍ରକୃତି ଯଥେଷ୍ଟ ବଦଳି ଯାଇଛି । ଯୁବକଯୁବତୀ ପ୍ରେମରେ ପଡୁଛନ୍ତି ଓ ସେମାନଙ୍କ ସମ୍ପର୍କର ସୀମାକୁ ଖୋଜୁଛନ୍ତି ଏବଂ ବେଳେ ବେଳେ ଘର ଛାଡ଼ି ପଳାଉଛନ୍ତି । କିନ୍ତୁ ସମ୍ମତି ଯୁକ୍ତ ପ୍ରେମ ବ୍ୟାପାର ବେଳେ ବେଳେ ବାଳକକୁ ଆଇନର ଜାଲରେ ପକାଇ ଦେଉଛି ଓ ସେ ଗିରଫ ହୋଇ ଜେଲରେ ଭର୍ତ୍ତି ହେଉଛି । ଏଭଳି କେସ ଗୁଡ଼ିକରେ କିଶୋର ପ୍ରେମ ବିଧିଗତ ଦୁଷ୍କର୍ମ ବ୍ୟାଖ୍ୟା ପାଉଛି । ବେଳେ ବେଳେ କିଶୋର ମାନଙ୍କର ସବୁଠାରୁ ଭଲ ସମୟ କୋର୍ଟ କଚେରୀ ମାମଲାରେ ନଷ୍ଟ ହୋଇଯାଉଛି । ଆମ ଭାରତୀୟ ପାରିବାରିକ ସମାଜର ଚିତ୍ର ଯାହା ପ୍ରାୟତଃ ପୁଅଝିଅଙ୍କ ପ୍ରେମ ମାମଲାରେ ପିତାମାତାଙ୍କ ଅସମ୍ମତି ପ୍ରାୟତଃ ରହିଥାଏ । କେହି କେହି ଏହାକୁ ପୁରୁଣା ଚଳଣୀ ବା ରକ୍ଷଣଶୀଳତା କହିପାରନ୍ତି । ଦିନ ଥିଲା ପୁଅଝିଅ ବିବାହ ଯୋଗ୍ୟ ହେବା ପରେ ପିତାମାତା ସେମାନଙ୍କ ପାଇଁ ଉପଯୁକ୍ତ ପାତ୍ର ବା ପାତ୍ରୀ ବାଛୁଥିଲେ । ଏବେ ପ୍ରାୟତଃ ଅଧିକାଂଶ ପ୍ରେମ ବିବାହକୁ ପାରିବାରିକ ଆପୋଷ ବୁଝାମଣାର ବିବାହ ଭାବେ କୁହାଯାଉଛି । ଉତ୍ତର ଭାରତରେ ତଥା ଭାରତର ଅନେକ ଜାଗାରେ ଗୋଟିଏ ଗୋତ୍ରରେ କିମ୍ବା ରକ୍ତଜ ହୋଇଥିଲେ ପ୍ରେମ ବିବାହ ମାମଲା ଏତେ ଅଭାବନୀୟ ପରିସ୍ଥିତି ସୃଷ୍ଟି କରୁଛି ଯେ ଅନରକିଲ୍ଲିଂ ପରି ଘଟଣା ସଂଘଟିତ ହେଉଛି । ପାଠପଢ଼ା ବୟସରେ ପ୍ରାୟତଃ ବାପା-ମାଆଙ୍କ ସ୍ୱାଭାବିକ ଆଶା ରହିଥାଏ ଯେ ପିଲାଟି ପ୍ରଥମେ ପାଠଶାଠ ପଢ଼ି ଏକ କର୍ମସଂସ୍ଥାନର ଯୋଗ୍ୟ ହେଉ କିନ୍ତୁ ବର୍ତ୍ତମାନର ସମୟ ଅନେକ କିଛି ବଦଳାଇ ଦେଇଛି । ସମୟ ବଦଳିବା ସହ ସମ୍ପର୍କର ବ୍ୟାପକତା ଏବଂ ପ୍ରେମ ସମ୍ପର୍କ ସମୟ ଭିତରେ ପୋକ୍ସୋ ସମ୍ବନ୍ଧୀୟ ମାମଲା କେବଳ ପୁଅଟିକୁ ନୁହେଁ ବାପା-ମାଆ ବି ଆଇନଗତ ଲଢ଼େଇ ଓ ସାମାଜିକ ଅପନିନ୍ଦାର ଶିକାର ହେଉଛନ୍ତି । ଅନେକ ଗରିବ ଓ ଅଶିକ୍ଷିତ ପରିବାରରେ ପରିସ୍ଥିତି ଏପରି ଅପମାନଜନକ କରିଦେଉଛି ଯେ ଗୋଟିଏ ଗୋଟିଏ କ୍ଷେତ୍ରରେ ବାପା-ମାଆ ଆତ୍ମହତ୍ୟା ମଧ୍ୟ କରିଦେଉଛନ୍ତି । ଆଇନଗତ ମାମଲା ପରିଚାଳନା ସମୟରେ ଆମେ ଅନେକ ସମୟରେ ଦେଖୁଛୁ ଯେ ଅନ୍ୟ କୌଣସି କଳହ, ଜମିବାଡ଼ି ମାମଲା ବା ପାରିବାରିକ ମତଭେଦ ଭିତରେ ପୋକ୍ସୋକୁ ଏକ ବଡ଼ ଅସ୍ତ୍ର ଭାବେ ବ୍ୟବହାର କରାଯାଇ ଅପରପକ୍ଷ ନାମରେ ମିଥ୍ୟା କେସ ରୁଜୁ କରାଯାଉଛି । ତେଣୁ ପୋକ୍ସୋ ଆଇନ ବାସ୍ତବରେ ଯେପରି ଅପବ୍ୟବହାର ନ ହୁଏ ଏ ପ୍ରସଙ୍ଗରେ କେବଳ ଦାୟିତ୍ୱ ମାନ୍ୟବର ଅଦାଲତଙ୍କର ନୁହଁ ଏ ନେଇ ଆମ ସମସ୍ତଙ୍କ ଭିତରେ ସଚେତନତା ମଧ୍ୟ ଜରୁରୀ । ସେହିପରି ଆଇନର ଅପବ୍ୟବହାରକୁ ଆଇନଗତ ଭାବେ ରୋକିବାର ପନ୍ଥା ମାନ୍ୟବର କୋର୍ଟ ମଧ୍ୟ ନିରୂପିତ କରନ୍ତୁ ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ :
୯୪୩୭୧୬୩୫୨୮
E-mail : yudhishthir@redifmail.com

# ପୁରୁଣା ହିନ୍ଦୁ ବିରୋଧୀ ନ୍ୟାରେଟିଭ

### ଡ.ସମନ୍ୱୟ ନନ୍ଦ

କାହାଣୀକୁ ଉଦାହରଣ ଭାବେ ପ୍ରସ୍ତୁତ କରିଛି । ଏହି ଗୋରାଦେଶର ମିଡିଆ ଗୋଟିଏ ମନଗଢା ଓ ମିଛ କାହାଣୀର ଉଦାହରଣ ଦେଇ ହିନ୍ଦୁ ମାନଙ୍କୁ ଅତ୍ୟାଚାରୀ ବୋଲି ଦର୍ଶାଇବାକୁ ଚେଷ୍ଟା କରିଛି । ହେଲେ କିଭଳି ଭାବେ ବଙ୍ଗଳାଦେଶୀ ମାନେ ଭାରତରେ ବେଆଇନ ଭାବେ ଅନୁପ୍ରବେଶ କରିଥାନ୍ତି ଓ ନକଲି ପରିଚୟ ପତ୍ର ହାସଲ କରିଥାନ୍ତି ତା ଉପରେ ପଦ ଟିଏ ହେଲେ ଲେଖା ଯାଅ ନାହିଁ । ଗୋଟିଏ ପକ୍ଷରେ ବଙ୍ଗଳାଦେଶରେ ମୁସଲମାନ ଭୀଡ ଦ୍ୱାରା ହିନ୍ଦୁ ଯୁବକକୁ ବର୍ବରତାର ସହ ହତ୍ୟା କରାଯିବା ପରେ ମଧ୍ୟ ହତ୍ୟାକାରୀ ମାନଙ୍କୁ ମୁସଲମାନ ବୋଲି କହି ନାହିଁ ଅନ୍ୟ ପକ୍ଷରେ ଗୋଟିଏ ମନଗଢା କାହାଣୀ ଆଧାରରେ ସମ୍ପୂର୍ଣ୍ଣ ହିନ୍ଦୁ ସମାଜକୁ ବଦନାମ କରିବାକୁ ଚେଷ୍ଟା କରିଛି ।

ନ୍ୟୁୟର୍କ ଟାଇମ୍ସ ହେଉଛି ଗୋରା ଦେଶର ମିଡିଆ କିଭଳି ଭାବେ ତାଙ୍କର ନ୍ୟାରେଟିଭ ଚଳାନ୍ତି ତାର ଏକ ଉଦାହରଣ ମାତ୍ର । ବିଦେଶୀ ମିଡିଆ ବଙ୍ଗଳାଦେଶରେ ହିନ୍ଦୁ ଯୁବକର ହତ୍ୟା ମାମଲାରେ ଲେଖା ପ୍ରକାଶିତ କରିବାରେ ଖୁବ ବିଳମ୍ବ କରିଥିଲା । କିନ୍ତୁ ଯେତେବେଳେ ଖବର ଲେଖିଲା ସେତେବେଳେ ତାର ରିପୋର୍ଟ ବାସ୍ତବିକତା ଆଧାରରେ ନୁହେଁ ବରଂ ନିଜର ନିର୍ଧାରିତ ଏଜେଣ୍ଡା ଆଧାରରେ ଲେଖିଛି । ଗୋରା ଦେଶର ମିଡିଆ ସବୁବେଳେ ସତ୍ୟକୁ ଲେଖନ୍ତି ନାହିଁ ବରଂ ମୁସଲମାନ ମାନଙ୍କୁ ସର୍ବଦା ପୀଡିତ ବୋଲି ଦର୍ଶାଇଥାନ୍ତି । ଏହି ଆଭିମୁଖ୍ୟ ନୂଆ ନୁହେଁ ବରଂ ବିଦେଶୀ ମିଡିଆର ଚିରାଚରିତ ଆଭିମୁଖ୍ୟ । ମୁସଲମାନ ମାନଙ୍କର ଅପରାଧ କିମ୍ବା ହିନ୍ଦୁ ମାନଙ୍କ ଉପରେ ହିଂସା ଘଟଣାରେ ସେମାନେ ନୀରବ ରହିବାକୁ ପସନ୍ଦ କରି ଥାନ୍ତି । ହେଲେ କୌଣସି ମୁସଲମାନ ଉପରେ ସାମାନ୍ୟ ଆଂଚ ଆସିଲେ ଜୋର ସୋରରେ ମୁଖର ହୋଇ ଉଠିଥାନ୍ତି । ନ୍ୟୁୟର୍କ ଟାଇମ୍ସ ଏହି ପରମ୍ପରାକୁ ହିଁ ନିର୍ବାହ କରିଛି ।

# ଡାକ୍ତରୀ ଶିକ୍ଷା ଓ 'ବିତର୍କରେ ବିଯୁକ୍ତ ୪୦'

### ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଡାକ୍ତରୀ ପାଠପଢ଼ା ସବୁଠାରୁ କଷ୍ଟଦାୟକ ଓ ଏହି କଷ୍ଟଲବ୍ଧ ପାଠ ପାଇଁ ସମ୍ଭବତଃ ଡାକ୍ତରୀ ଶିକ୍ଷାକୁ ଏକ କଷ୍ଟଦାୟକ ଶିକ୍ଷା ଭାବରେ ସମସ୍ତେ ଜାଣନ୍ତି । ଅନେକ ଜାଣିଛନ୍ତି ଡାକ୍ତରୀ ପାଠ୍ୟକ୍ରମରେ ପିଜି ଡିଗ୍ରୀ ପାଇବା ନିମିନ୍ତ ଏମବିବିଏସ ଅର୍ଥାତ୍ ଡାକ୍ତରୀ ସ୍ନାତକମାନଙ୍କୁ ଆଉ ସମ୍ଭବତଃ ବେଶି ପରିଶ୍ରମ ବା ଅଧ୍ୟବସାୟ କରିବା ପାଇଁ ପଡ଼ିବନାହିଁ । ଆମ ଦେଶରେ ଡାକ୍ତରୀ ପାଠ୍ୟକ୍ରମ ବ୍ୟବସ୍ଥାରେ ଏପରି ଶିକ୍ଷା ଓ ତାଲିମର ବ୍ୟବସ୍ଥା ରହିଛି ଜଣେ ପରୀକ୍ଷାର୍ଥୀ ଏଥିପାଇଁ ଆବଶ୍ୟକ ହେଉଥିବା ପ୍ରବେଶିକା ପରୀକ୍ଷା ଯାହାକୁ ନିଟ-ପିଜି କୁହାଯାଉଛି ସେଥିପରେ ବିଯୁକ୍ତ ଚାଳିଶ ନମ୍ବର ରଖିଲେ ମଧ୍ୟ ନାମ ଲେଖାଇବା ପାଇଁ ଯୋଗ୍ୟତା ରଖିପାରୁଛି । ନିକଟରେ ଏଭଳି ଏକ ପ୍ରସଙ୍ଗ ଉଦାହରଣ ସୃଷ୍ଟି ହେବାପରେ ଏହା ଅନେକ ବିବାଦ, ବିତର୍କ ଓ ତର୍କ ଆଲୋଚନାର ଝଡ଼ ସୃଷ୍ଟି କରିଛି । କେବଳ ସେତିକି ନୁହେଁ ଭାରତ ପରି ଡାକ୍ତର ସମୃଦ୍ଧ ଦେଶରେ ଡାକ୍ତରୀ ଶିକ୍ଷା ଓ ଡିଗ୍ରୀଧାରୀ ଡାକ୍ତରମାନଙ୍କର ଗୁଣାତ୍ମକ ଦକ୍ଷତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି ।

ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବା ବା ଡାକ୍ତରୀ ଡିଗ୍ରୀ ହାସଲ କରିବା ପାଇଁ ଛାତ୍ରଛାତ୍ରୀଙ୍କ ଯୋଗ୍ୟତା ନିର୍ଦ୍ଧାରଣ କରିବାକୁ ଆମ ଦେଶରେ ନିର୍ଦ୍ଦିଷ୍ଟ ପ୍ରବେଶିକା ପରୀକ୍ଷା ଏମବିବିଏସ ପାଇଁ ନିଟ ୟୁଜି ଏବଂ ସ୍ପେଶାଲିଷ୍ଟ ପାଇଁ ନିଟ ପିଜି ପ୍ରଚଳିତ ଅଛି । ଏହି ପ୍ରଶେିକା ପରୀକ୍ଷାର ଫଳାଫଳ ଆଧାରରେ ମାନ୍ୟତାପ୍ରାପ୍ତ ମେଡ଼ିକାଲ କଲେଜରେ ନାମ ଲେଖାଇବାର ସୁଯୋଗ ମିଳୁଛି । ପ୍ରତି ଠିକ ଉତ୍ତର ପାଇଁ ୪ ନମ୍ବର ମିଳୁଥିବା ବେଳେ ପ୍ରତି ଭୁଲ ଉତ୍ତର ପାଇଁ ୧ ନମ୍ବର ବିଯୁକ୍ତ ହୋଇଯାଏ ଏବଂ ଆଦୌ ଉତ୍ତର ନଲେଖିଲେ ଶୂନ ମିଳେ । ମୋଟ ଠିକ ଉତ୍ତରର ଗୁଣନ ୪ର ଫଳାଫଳରୁ ମୋଟ ଭୁଲ ଉତ୍ତର ଗୁଣନ ୧ ଫଳାଖଳକୁ ବିଯୁକ୍ତ କଲେ ଯେଉଁ ସର୍ବଶେଷ ନମ୍ବର ରହେ ତାହା ଯୋଗ୍ୟତା ମାନଦଣ୍ଡ ବା ମେଧା ନିର୍ଦ୍ଧାରଣ କରେ । ସାମାନ୍ୟ ବା ଅତି ନଗଣ୍ୟ ପଏଣ୍ଟ ବ୍ୟବଧାନରେ ଭାଗ୍ୟ ନିର୍ଦ୍ଧାରଣ ହେଉଥିବାରୁ ଛାତ୍ରଛାତ୍ରୀମାନେ ଗଳଦର୍ଘମ ଉଦ୍ୟମ କରି ଆସୁଛନ୍ତି ଏବଂ ମେଡ଼ିକାଲ ଛାତ୍ରଛାତ୍ରୀ ଉତ୍ପାଦନକାରୀ ମେସିନ ରୂପେ ପରିଚିତ ରାଜସ୍ଥାନର କୋଟାରେ ଛାତ୍ରଛାତ୍ରୀମାନେ ଆକାଂକ୍ଷା, ପ୍ରତିଯୋଗିତା ଓ ମାତ୍ରାଧିକ ଚାପରେ ଆତ୍ମହତ୍ୟା କରୁଥିବା ଭଳି ଉଦାହରଣ ବଢ଼ିବାରେ ଲାଗିଛି । କିନ୍ତୁ ସଦ୍ୟତମ ନିଟ ପିଜିରେ ସୃଷ୍ଟି ହୋଇଥିବା ଏହି ବ୍ୟତିକ୍ରମ ଯେତିକି ଆଶ୍ଚର୍ଯ୍ୟଜନକ ତତୋଧିକ ଉଦବେଗଜନକ । ଏହି ପରୀକ୍ଷାରେ ଠିକ ଉତ୍ତର ଓ ଆଦୌ ଉତ୍ତର ଦେଇନଥିବା ପ୍ରଶ୍ନ ତୁଳନାରେ ଅଧିକ ଭୁଲ ଉତ୍ତର ଦେଇଥିବା ବା ବିଯୁକ୍ତାତ୍ମକ ୪୦ (-୪୦) ନମ୍ବର ରଖିଥା ଜଣେ ପରୀକ୍ଷାର୍ଥୀଙ୍କୁ ପିଜି ସ୍ପେଶାଲିଷ୍ଟ ପାଠ୍ୟକ୍ରମରେ ନାମ ଲେଖାଇବାର ସୁଯୋଗ ମିଳିଛି । ଏହି ଧାରା ପୂର୍ବବର୍ଷ ମାନଙ୍କରୁ ଜାରି ରହିଥିବା ବେଳେ ଚଳିତ ବର୍ଷ ବିଯୁକ୍ତ ୪୦ ପର୍ଯ୍ୟନ୍ତ ହ୍ରାସ ପାଇଛି ।

ସବୁଠାରୁ ବଡ଼କଥା ହେଉଛି ଆମ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ର ପ୍ରତି ଅନେକ ଆହ୍ୱାନ ଭିତରେ ଗୋଟିଏ ବଡ଼ ଆହ୍ୱାନ ହେଉଛି ଚଳିତ ବର୍ଷ ଦେଶର ବିଭିନ୍ନ ମେଡ଼ିକାଲ କଲେଜରେ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ପିଜି ସିଟ ସଂଖ୍ୟା ଯୋଡ଼ା ଯାଇଥିଲେ ମଧ୍ୟ ସେଥିରେ ନାମ ଲେଖାଇବା ପାଇଁ ପରୀକ୍ଷାର୍ଥୀମାନେ ଆଶା ମୁତାବକ ନିର୍ଦ୍ଦିଷ୍ଟ ନମ୍ବର ରଖିବାରେ ବଞ୍ଚିତ ହୋଇଛନ୍ତି । ତେଣୁ ସମସ୍ତ ପିଜି ସିଟ ସଂଖ୍ୟା ପୂରଣ କରିବା ଉଦ୍ଦେଶ୍ୟରେ ଶତପ୍ରତିଶତ ନମ୍ବର ରଖିଥିବା ପ୍ରାର୍ଥୀଙ୍କ ସହିତ ଶୂନ ବା ତଳକୁ ଚାଳିଶ ପର୍ଯ୍ୟନ୍ତ ବିଯୁକ୍ତାତ୍ମକ ନମ୍ବର ରଖିଥିବା ପ୍ରାର୍ଥୀଙ୍କୁ ସୁଯୋଗ ଦେବା ପାଇଁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି । ଏହାର ଫଳସ୍ୱରୂପ ଡାକ୍ତର ପିଜି ପାଠ୍ୟକ୍ରମରେ ନାମ ଲେଖାଇବା ନିମିତ୍ତ ଚିଳତ ବର୍ଷ କଟଅପ ମାର୍କ ବିଯୁକ୍ତ ୪୦କୁ ଖସି ଆସିଛି । ବିଶେଷଜ୍ଞ ହେବାକୁ ଯାଉଥିବା ବିଶେଷକରି ଜୀବନରକ୍ଷାକାରୀ ଏକ ସେବା ବ୍ୟବସ୍ଥାରେ ଯୋଡ଼ି ହେବାକୁ ଯାଉଥିବା ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଯୋଗ୍ୟତା ଏଥିରୁ ସୁସ୍ପଷ୍ଟ । ଉଲ୍ଲେଖନୀୟ କଥା ହେଉଛି ସରକାରୀ ଭାବରେ ଏହି ଅପରିଣାମଦର୍ଶୀ ନୀତି, ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତିର ଫଳ ଆଗାମୀ ଦିନରେ ନିଶ୍ଚିନ୍ତ ପଡ଼ିବ ।

ଏହା ବେଶ ଭଲଭାବେ ଜଣାଯେ ଭାରତରେ ଯେତିକି ସଂଖ୍ୟାରେ ମେଡ଼ିକାଲ କଲେଜମାନ ନିର୍ମାଣ ହେଉଛି ତାହାକୁ ଦେଖି ସେଥି ନିମିତ୍ତ ଆବଶ୍ୟକ ପଢ଼ୁଥିବା ଭିତ୍ତିଭୂମି, ଆବଶ୍ୟକ ପାରା ମେଡ଼ିକାଲ ସୁବିଧା ଓ ସର୍ବୋପରି ଶିକ୍ଷକଙ୍କ ଘୋର ଅଭାବ ରହିଛି । ତେଣୁ ଡାକ୍ତରୀ ଶିକ୍ଷା ଓ ତାଲିମ ଭଳି ଏକ କ୍ଷେତ୍ର ଯାହା ଅଧିକରୁ ଅଧିକ ପ୍ରାକ୍ଟିକାଲ ହେବା କଥା ସେଥିରେ ଆମ ଡାକ୍ତରୀ ଛାତ୍ରଛାତ୍ରୀମାନେ କେବଳ ଥିଓରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଡିଗ୍ରୀ ହାସଲ କରୁଛନ୍ତି । ସଂଖ୍ୟା ଦୃଷ୍ଟିରୁ ଦେଖିଲେ ସରକାର ଶ୍ରେୟ ନେବାକୁ ଯାଇ ଏହି ପ୍ରୟାସରେ ଭାରତରେ ପ୍ରତି ବର୍ଷ ଡିଗ୍ରୀଧାରୀ ଡାକ୍ତରଙ୍କ ସଂଖ୍ୟାତ ବଢୁଛି କିନ୍ତୁ ଗୁଣାତ୍ମକ କ୍ଷେତ୍ର ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି । ତେଣୁ ନିଟ-ପିଜିରେ ଯଦି ବିଯୁକ୍ତ ଚାଳିଶ ନମ୍ବର ରଖିଥିବା ଜଣେ ଛାତ୍ର ନାମ ଲେଖାଇବାର ସୁଯୋଗ ପାଇଲା ସେଥିରେ କେହି ଆଶ୍ଚର୍ଯ୍ୟ ହେବାର ନାହିଁ । ଏଠାରେ ଏକ ସ୍ୱତଃ ପ୍ରଶ୍ନ ଉଠୁଛି ଭାରତ ପରି ଏକ ବିଶାଳ ଜନସଂଖ୍ୟାର ରାଷ୍ଟ୍ରରେ ଯଦି ଏହି ଧାରା ଜାରି ରହେ ତେବେ ଆସନ୍ତା ଦିନରେ ଡାକ୍ତରୀ ପାଠ୍ୟକ୍ରମର ଛାତ୍ରଛାତ୍ରୀମାନେ ନିଟ ପିଜିରେ କେବଳ ଶତପ୍ରତିଶତ ନିଶ୍ଚିନ୍ତ ଥିବା ଦୁଇ ଚାରୋଟି ଉତ୍ତର ଲେଖି ଦେଇ କିମ୍ବା ଆଦୌ ଉତ୍ତର ନ ଲେଖି ଖାତା ଦେଇ ଚାଲିଆସିବାର ସମ୍ଭାବନାଯେ ସୃଷ୍ଟି ନ ହେବ ତାହା କିଏ କହିବ ? କାରଣ ଯେଉଁଠି କଟଅଫ ମାର୍କ ବିଯୁକ୍ତ ୪୦ ପର୍ଯ୍ୟନ୍ତ ଯାଉଛି ସେଠାରେ ୧୨/୧୬ ନମ୍ବର କିମ୍ବା ଶୂନ ରଖିଲେ ମଧ୍ୟ ନାମ ଲେଖା ପାଇଁ ସୁଯୋଗ ମିଳିପାରିବ । ହୁଏତ କର୍ତ୍ତୃପକ୍ଷ ବିଯୁକ୍ତ ୪୦ ବିତର୍କ ଓ ସମାଲୋଚନାରୁ ବର୍ତ୍ତିବା ପାଇଁ ଆଗାମୀ ବର୍ଷ ଠାରୁ ଅତି ସହଜ ପ୍ରଶ୍ନପତ୍ର ପ୍ରସ୍ତୁତ କରିବେ ଏବଂ କଟଅଫ ମାର୍କ ବିଯୁକ୍ତାତ୍ମକ ନ ହୋଇପାରେ, କିନ୍ତୁ ଏହାଦ୍ୱାରା ବିନା ପ୍ରାକ୍ଟିକାଲ କିମ୍ବା ବିନା ଶିକ୍ଷକରେ ଉତ୍ତୀର୍ଣ୍ଣ ହୋଇଥିବା ଆମ ଏମବିବିଏସ ଡିଗ୍ରୀଧାରୀ ମାନଙ୍କର ମେଧାଶକ୍ତି ଯେ ବୃଦ୍ଧି ପାଇବ ତାହା ଭାବିବା ଭୁଲ । ପୁଣି ଏହି ପରମ୍ପରା ଯଦି ଏମବିବିଏସ ପାଠ୍ୟକ୍ରମ ବା ନିଟୟୁଜିକୁ ସଂକ୍ରମିତ ହୁଏ ଆଗାମୀ ଦିନରେ ଆମ ସ୍ୱାସ୍ଥ୍ୟସେବାକୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ଭବିଷ୍ୟତର ଡାକ୍ତର ମାନଙ୍କର ରୋଗ ନିଦାନ ଦକ୍ଷତା, ଚିକିତ୍ସାଗତ ପାରଦର୍ଶିତା ଓ ସ୍ୱାସ୍ଥ୍ୟ ବିଜ୍ଞାନ ସମ୍ପର୍କିତ ଜ୍ଞାନ ଓ ଅଭିଜ୍ଞାତ କ'ଣ ହେବ ତାହା ଅନୁମେୟ । ଏକ ପକ୍ଷରେ ସରକାର ଅଧିକ ଡାକ୍ତର ସୃଷ୍ଟି କରିବାର ଶ୍ରେୟ ସାଉଁଟି ଚାଲିଥିବେ, ଅପରପକ୍ଷରେ ରୋଗୀମାନେ କେବଳ ଭାଗ୍ୟ ଓ ଭଗବାନଙ୍କୁ ଭରସା କରି ଡାକ୍ତରଖାନାକୁ ଯାଉଥିବେ କିମ୍ବା ସେଠାରୁ ଫେରୁଥିବେ ।

ପ୍ରତିରତ୍ୱିକ ଓ ଅବସରପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭



## ବରୋଦା ବ୍ୟାଙ୍କ ପକ୍ଷରୁ ମଙ୍ଗଳା ମନ୍ଦିର ସମ୍ମୁଖରେ ଲୋକାର୍ପିତ ହେଲା ଡିଜିଟାଲ ବୋର୍ଡ

କାକଟପୁର,୮ ।୨:(ମନ୍ଥନ)ପୁରୀ ଜିଲ୍ଲା କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳାଙ୍କ ମନ୍ଦିର ସମ୍ମୁଖରେ, ଭକ୍ତ ମାନଙ୍କ ସୁବିଧା ପାଇଁ, ମା ଙ୍କ ନୀତିକାନ୍ତି ବିଷୟରେ ସବିଶେଷ ଜ୍ଞାନ ପାଇଁ ସ୍ଥାନୀୟ ବରୋଦା ବ୍ୟାଙ୍କ ପକ୍ଷରୁ ଏକ ଲୋକାଭିମୁଖୀ କାର୍ଯ୍ୟକ୍ରମ ଭାବେ ଏକ ଡିଜିଟାଲ ବୋର୍ଡ (ଏଲଇଡ଼ି ) ଶନିବାର ମଧ୍ୟାହ୍ନରେ ଲୋକାର୍ପିତ ହୋଇଯାଇଛି । ଏହି ଏଲଇଡି ବୋର୍ଡରେ ମା ମଙ୍ଗଳାଙ୍କ ସମସ୍ତ ନୀତିକାନ୍ତି, ଯାନିଯାତ୍ରା ଏବଂ ସମସ୍ତ ପ୍ରକାର ସେବା ଆଦି ଉପଲବ୍ଧ ହେବା ସହିତ ମାତୃଭକ୍ତ ମାନେ ଅତି ନିକଟରୁ



ଦେଖିପାରିବେ ବୋଲି ବରୋଦା ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡଃ ଦେବଦତ୍ତ ଚାନ୍ଦ ତାଙ୍କ ବକ୍ତବ୍ୟ ମାଧ୍ୟମରେ ସୂଚନା ଦେଇଛନ୍ତି । ଏହି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ବ୍ୟାଙ୍କର ମହା-ପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ଶ୍ରୀମତୀ ସ୍ୱପ୍ନା ବନ୍ଦୋପାଧ୍ୟାୟ, ଅତିରିକ୍ତ ମହା ପ୍ରବନ୍ଧକ ସତ୍ୟରଞ୍ଜନ ମହାପାତ୍ର,ବାଣିଜିକ ମୁଖ୍ୟ ଶ୍ରୀ ଶରତ ପାଣିଗ୍ରାହୀ, ଅତିରିକ୍ତ ଆଞ୍ଚଳିକ ମୁଖ୍ୟ ଶ୍ରୀ ରାଜୀବ କୁମାର ସିହ୍ନା, ମଙ୍ଗଳା ମନ୍ଦିର ଟ୍ରଷ୍ଟି ତଥା ସ୍ଥାନୀୟ ତହସିଲଦାର ଅଙ୍କିତା ଅମିଦିତା, କାକଟପୁର ବ୍ଲକ ବିଡ଼ିଓ ନାରାୟଣ ଦାକ୍ଷିତ,ମଙ୍ଗଳା ମନ୍ଦିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ, ମନ୍ଦିର ପରାମର୍ଶଦାତା କମିଟି ସଦସ୍ୟ ତୁଷାର ରଞ୍ଜନ ଦାକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ ।

## ଉତ୍କଳ ଆଲୁମିନା ପକ୍ଷରୁ ସାରଥୀ ଉତ୍ସବ ଅନୁଷ୍ଠିତ

ରାୟଗଡ଼ା,୮ ।୨:(ମନ୍ଥନ)ରାୟଗଡ଼ା ଜିଲ୍ଲା ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ପକ୍ଷରୁ ସାରଥୀ ଉତ୍ସବ ଆୟୋଜିତ ହୋଇଯାଇଛି । ଭାରିଯାନ ଚାଳକଙ୍କୁ ସମ୍ବର୍ଦ୍ଧିତ ତଥା ସେମାନଙ୍କୁ ସଡ଼କ ପରିବହନ ନିୟମ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଏହି ଅବସରରେ ରାୟଗଡ଼ା ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ବିନୟ କୁମାର ପଲ୍ ଯୋଗଦେଇଥିବା ବେଳେ ଦୋରାଗୁଡ଼ା ଏସ୍‌ଆଇ ସ୍ୱରୂପ ପ୍ରଧାନଙ୍କ ସମେତ ଉତ୍କଳ ଆଲୁମିନା ୟୁନିଟ୍ ମୁଖ୍ୟ ରବିନାରାୟଣ ମିଶ୍ର ଓ ଏଫ୍‌ଏଚ୍ ଲଜିଷ୍ଟିକ ସମୀର ପାଢ଼ୀ ପ୍ରମୁଖ ମଞ୍ଚସ୍ଥ ଥିଲେ । କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ପଲ୍ କହିଥିଲେ ଯେ, ଦେଶର ଅର୍ଥନୈତିକ ମେରୁଦଣ୍ଡ ହେଉଛନ୍ତି ସାରଥୀ ରୂପକ ଭାରିଯାନ ଚାଳକ । ସେମାନଙ୍କ ପାଇଁ ଦେଶର ଅର୍ଥନୀତି ଗତିଶୀଳ । ତେଣୁ ସେମାନଙ୍କ ସୁରକ୍ଷା ଓ ସାମାଜିକ କଲ୍ୟାଣ ସମସ୍ତଙ୍କ ଗୁରୁଦାୟିତ୍ୱ କ୍ରମାଗତ ଭାବେ ସଡ଼କ ଦୁର୍ଘଟଣା ବୃଦ୍ଧି ଯୋଗୁଁ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି ହେଉଛି । ତେଣୁ ସମସ୍ତ ଚାଳକ ସଡ଼କ ନିୟମ କଡ଼ାକଡ଼ି ଭାବେ ପାଳନ ନିମନ୍ତେ ସେ ଅନୁରୋଧ କରିଥିଲେ । ଏଥିସହିତ ଉତ୍କଳ ଆଲୁମିନା ପକ୍ଷରୁ ଚାଳକଙ୍କୁ ସଚେତନତା ଓ ସମ୍ବର୍ଦ୍ଧନା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରିଥିବାରୁ ଶ୍ରୀ ପଲ୍ ଭୂୟସୀ ପ୍ରଶଂସା କରିଥିଲେ । ସେହିପରି ଏସ୍‌ଆଇ ଶ୍ରୀ ପ୍ରଧାନ ନିଜ ଅଭିଭାଷଣରେ କହିଥିଲେ ଯେ, ଦୋରାଗୁଡ଼ା ଥାନା ଅଧୀନରେ ଗତ ବର୍ଷ ୧୮ ଗୋଟି ଦୁର୍ଘଟଣା ଘଟିଥିବା ବେଳେ ଅନେକ ବ୍ୟକ୍ତିଙ୍କ ପ୍ରାଣହାନୀ ହୋଇଛି । ଏହାର ପ୍ରମୁଖ କାରଣ ମଦ୍ୟପ ଚାଳକ ଯୋଗୁଁ ଦୁର୍ଘଟଣା ବୃଦ୍ଧି ହୋଇଥିବା ସେ ଦର୍ଶାଇ ଥିଲେ । ଅନୁରୂପ ଭାବେ ସଭାରେ ଉଦବୋଧନ ଦେଇ ୟୁନିଟ୍ ମୁଖ୍ୟ ଶ୍ରୀ ମିଶ୍ର କହିଥିଲେ ଯେ, ମହାଭାରତରେ ସାରଥୀ ଶ୍ରୀ କୃଷ୍ଣ ଭଗବାନଙ୍କ ଭୂମିକାକୁ ସ୍ମରଣ କରିବା ସହ ଚାଳକମାନେ ମଧ୍ୟ ଅନୁରୂପ କାରଖାନାର ମେରୁଦଣ୍ଡ ବୋଲି ସେ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଚଳକମାନେ କଞ୍ଚାମାଲ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପରିବହନ କରିବା ଫଳରେ ଅର୍ଥନୀତି ଗତିଶୀଳ ହେବା ସହିତ ଦେଶ ସମୃଦ୍ଧ କରିବାରେ ସେମାନଙ୍କ ଭୂମିକା ଅତୁଳନୀୟ । ତେଣୁ ଚଳକଙ୍କ ସୁରକ୍ଷା ସର୍ବୋପରିୟ ସଡ଼କ ନିୟମ କଡ଼ାକଡ଼ି ଭାବେ ପାଳନ କରିବାକୁ ଶ୍ରୀ ମିଶ୍ର ନିଜ ଅଭିଭାଷଣରେ ଗୁରୁତ୍ୱାରୋପ କରିଥିଲେ । ଏଫ୍‌ଏଚ୍ ଲଜିଷ୍ଟିକ ଶ୍ରୀ ପାଢ଼ୀ ଦ୍ରୁତ ବେଗରେ ଗାଡ଼ି ଚାଳନା, ମଦ୍ୟପାନ ନକରି ଗାଡିଚଳନା, ସିଟବେଲ୍ଟ ପିନ୍ଧି ଗାଡ଼ି ଚାଳନା ଇତ୍ୟାଦି ସମ୍ପର୍କିତ ନିୟମ ପ୍ରତି ଗୁରୁ ଦେଇ ଗାଡ଼ି ଚାଳନା ପାଇଁ ସେ ଚଳକଙ୍କୁ ଅନୁରୋଧ କରିଥିଲେ । ପରବର୍ତୀ ପର୍ଯ୍ୟାୟରେ ଚଳକଙ୍କୁ ସଚେତନତା ନିମନ୍ତେ ଏକ ପାରମ୍ପାରିକ ନାଟକ ମଞ୍ଚସ୍ଥ ହୋଇଥିଲା । ଏଥିସହିତ ଅଡିଓ ଭିଜୁଆଲ ମାଧ୍ୟମରେ ଭିଡ଼ିଓ ପ୍ରଦର୍ଶନ କରାଯାଇ ଚାଳକଙ୍କୁ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା । ଏହି ଅବସରରେ ବିଭାଗୀୟ ମୁଖ୍ୟ ଲୋପାମୁଦ୍ରା ମିଶ୍ର, ମିରିନ୍ମୟ ମଣ୍ଡଳ, ବିଶ୍ୱଜି ଜଓ୍ୱର୍ଦାର, ପିତାମ୍ବର ବେହେରା ଓ ଡା ରଞ୍ଜନ ଲେଙ୍କାଙ୍କ ସମେତ ଅନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଉତ୍କଳ ଆଲୁମିନା ସହ ସଂଶ୍ଳିଷ୍ଟ ଠିକାଦାର ସଂସ୍ଥାରେ ପ୍ରତେକ୍ଷ ଭାବେ ଜଡ଼ିତ ୩୦୦ରୁ ଊର୍ଦ୍ଧ୍ୱ ଚାଳକ ଯୋଗ ଦେବା ସହିତ ୨୦୦ରୁ ଊର୍ଦ୍ଧ୍ୱ ଉତ୍କଳ ଆଲୁମିନାର କର୍ମକର୍ତ୍ତା ଏବଂ ଲଜିଷ୍ଟିକ ବିଭାଗର ସମସ୍ତ କର୍ମଚାରୀଙ୍କ ପ୍ରତେକ୍ଷ ସହଭାଗିତାରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା ।

## ରାୟଗଡାରେ ଏଡିଜି ସଞ୍ଜୀବ ପଣ୍ଡାଙ୍କ ସମ୍ମୁଖରେ ୧୫ ଜଣ ମାଓବାଦୀଙ୍କ ଆତ୍ମସମର୍ପଣ



ରାୟଗଡା,୮ ।୨:(ମନ୍ଥନ)ରାଜ୍ୟର ମାଓବାଦ ବିରୋଧୀ ଅଭିଯାନକୁ ଏକ ବଡ଼ ସଫଳତା ମିଳିଛିୟ ରାୟଗଡା ଜିଲ୍ଲା ପୁଲିସ କାର୍ଯ୍ୟାଳୟ (ଡିପିଓ) ପରିସରରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ଓଡ଼ିଶା ପୁଲିସର ଏଡିଜି (ଆଣ୍ଟି-ନକ୍ସଲ ଅପରେସନ୍) ଶ୍ରୀ ସଞ୍ଜୀବ ପଣ୍ଡା ଆଇପିଏସଙ୍କ ସମ୍ମୁଖରେ ୧୫ ଜଣ କଟ୍ଟର ମାଓବାଦୀ ଔପଚାରିକ ଭାବେ ଆତ୍ମସମର୍ପଣ କରିଛନ୍ତି । କାର୍ଯ୍ୟକ୍ରମ ସମୟରେ ଆତ୍ମସମର୍ପିତ ମାଓବାଦୀମାନେସ୍ୱଇଚ୍ଛାରେ ଅସ୍ତ୍ର ତ୍ୟାଗ କରି ନିଜ ହାତରେ ଥିବା ଅସ୍ତ୍ରଶସ୍ତ୍ରଗୁଡ଼ିକୁ ଏଡିଜି ପଣ୍ଡାଙ୍କ ନିକଟରେ ହସ୍ତାନ୍ତର କରିଥିଲେ । ଏହା ମାଧ୍ୟମରେ ସେମାନେ ହିଂସାର ପଥ ଛାଡ଼ି ସମାଜର ମୁଖ୍ୟ ଧାରାକୁ ଫେରିବା ପାଇଁ ନିଜ ନିଷ୍ପତ୍ତି ପ୍ରକାଶ କରିଛନ୍ତି । ସମାବେଶକୁ ସମ୍ବୋଧନ କରି ଏଡିଜି ଶ୍ରୀ ସଞ୍ଜୀବ ପଣ୍ଡା କହିଥିଲେ ଯେ, ୧୫ ଜଣ ମାଓବାଦୀଙ୍କ ଆତ୍ମସମର୍ପଣ ଏହା ସୂଚାଏ ଯେ ଅଞ୍ଚଳରେ ବାମପନ୍ଥୀ ଚରମପନ୍ଥୀ ଧାରଣାର ପ୍ରଭାବ ଧୀରେ ଧୀରେ କମୁଛି ଏବଂ ଭ୍ରମିତ ଯୁବପିଢ଼ି ସରକାରଙ୍କ ଉନ୍ନୟନମୂଳକ ଓ ଲୋକକେନ୍ଦ୍ରିକ ନୀତି ଉପରେ ଆସ୍ଥା ରଖୁଛନ୍ତି । ସେ କହିଥିଲେ ଯେ, ଏସଓଜି, ଡିଭିଏଫ, ସିଆରପିଏଫ, ବିଏସଏଫ ଦ୍ୱାରା ଲାଗାତାର ଚାଲିଥିବା ଅପରେସନ ମାଓବାଦୀମାନଙ୍କ ଆଧାରକୁ ଦୁର୍ବଳ କରିଛି । ଏଡିଜି ପଣ୍ଡା ଆହୁରି ନିଶ୍ଚିତ କରିଥିଲେ ଯେ, ଆତ୍ମସମର୍ପଣ କରିଥିବା ସମସ୍ତ ମାଓବାଦୀଙ୍କୁ ରାଜ୍ୟ ସରକାରଙ୍କ ଆତ୍ମସମର୍ପଣ ଓ ପୁନର୍ବାସ ନୀତି ଅନୁଯାୟୀ ଆର୍ଥିକ ସହାୟତା, ବୃତ୍ତିମୂଳକ ପ୍ରଶିକ୍ଷଣ, କୌଶଳ ବିକାଶ ଇତ୍ୟାଦି ସମସ୍ତ ସୁବିଧା ପ୍ରଦାନ କରାଯିବ, ଯାହା ମାଧ୍ୟମରେ ସେମାନେ ସମ୍ମାନର ସହିତ ସମାଜରେ ପୁନଃ ସ୍ଥାପିତ ହୋଇପାରିବେ । ଏହି ୧୫ ଜଣ ମାଓବାଦୀଙ୍କ ମଧ୍ୟରେ ନିଖିଲ ଓ ଇନ୍ଦୁ ନାମକ ଦୁଇ ଜଣ ରାଜ୍ୟ କମିଟି ସଦସ୍ୟ ଅଛନ୍ତି । ଉଭୟଙ୍କ ଉପରେ ୫୫ ଲକ୍ଷ ଟଙ୍କା ହାରେ ପୁରସ୍କାର ଘୋଷିତ ଥିଲା । ଏହି ୧୫ ଜଣଙ୍କ ଦଳରେ ୨ ଜଣ ରାଜ୍ୟ କମିଟି ସଦସ୍ୟ, ୧ ଜଣ ଡିଭିଜନାଲ କମିଟି ସଦସ୍ୟ, ୫ ଜଣ ଏରିଆ କମିଟି ସଦସ୍ୟ ଏବଂ ୮ ଜଣ ପାର୍ଟି ସଦସ୍ୟ ରହିଛନ୍ତି । ସମୁଦାୟ ଭାବେ ଏହି ୧୫ ଜଣଙ୍କ ଉପରେ ୧.୯୮ କୋଟି ଟଙ୍କା ପୁରସ୍କାର ଘୋଷିତ ଥିଲା ।ଆତ୍ମସମର୍ପଣ ସମୟରେ ସେମାନେ ୧୪ଟି ଅସ୍ତ୍ର ଜମା ଦେଇଥିଲେ । ଯାହା ମଧ୍ୟରେ ୨ଟି ଏକେ-୪୭ ରାଇଫଲ, ୫ଟି ଏସଏଲଆର, ୧ଟି ଇନସାସ, ୧ଟି ଷ୍ଟେନଗନ, ୧ଟି .୩୦୩, ୪ଟି ସିଙ୍ଗଲ ଶଟ ଅସ୍ତ୍ର ଓ ବିପୁଳ ପରିମାଣର ଗୁଳିଗୋଳା ରହିଛି । ଏହି ଅସ୍ତ୍ରଶସ୍ତ୍ର ଉପରେ ପ୍ରାୟ ୧୬ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ଥିବା କୁହାଯାଇଛି । ଏହି ୧୫ ଜଣ ମାଓବାଦୀ ବିଜିଏନ୍ ଡିଭିଜନ (ବଂଶଧାରା, ଘୁମାନ, ନାଗାବଳୀ) ଅଞ୍ଚଳରୁ ଥିଲେ ଏବଂ ରାୟଗଡା, କନ୍ଧମାଳ, ଗଜପତି ଓ କଳାହାଣ୍ଡି ଜିଲ୍ଲାରେ ସକ୍ରିୟ ଥିଲେ । ନିଖିଲ ୨୦୦୪ ମସିହାରେ ମାଓବାଦୀ ସଂଗଠନରେ ଯୋଗ ଦେଇଥିଲେ ଏବଂ ୨୦୦୮ ଠାରୁ ବିଜିଏନ୍ ଡିଭିଜନରେ ସକ୍ରିୟ ରହିଥିଲେ ।ଡିସେମ୍ବର ୨୦୨୫ରେ କନ୍ଧମାଳରେ କେନ୍ଦ୍ରୀୟ କମିଟି ସଦସ୍ୟ ଗଣେଶ ଉଇକେଙ୍କ ନିହତ ହେବା ପରେ, ନିଖିଲ ରାଜ୍ୟର ସବୁଠାରୁ ଉଚ୍ଚ ଦରଜାର ପରବର୍ତ୍ତୀ ମାଓବାଦୀ ନେତା ଥିଲେ ବୋଲି କୁହାଯାଇଛି । ଏହି କାର୍ଯ୍ୟକ୍ରମରେ ଶ୍ରୀ ଅମିତେନ୍ଦ୍ର ନାଥ ସିନ୍ହା, ଆଇପିଏସ (ଆଇଜି, ସିଆରପିଏଫ), ଡା. ଦୀପକ କୁମାର, ଆଇପିଏସ (ଆଇଜି, ଅପରେସନ), ଶ୍ରୀ ଅଖିଳେଶ୍ୱର ସିଂହ (ଡିଆଇଜି, ଏସଆଇଡବ୍ଲ୍ୟୁ), ଶ୍ରୀ ବିଶାଲ ସିଂହ (ଡିଆଇଜି, କୋରାପୁଟ), ଶ୍ରୀ ଅଶୁତୋଷ କୁଲକର୍ଣ୍ଣି (ଜିଲ୍ଲାପାଳ, ରାୟଗଡା), ମିସ୍ ସ୍ୱାଥୀ (ଏସପି, ରାୟଗଡା), ଶ୍ରୀ ହରିଶ ବିସି (ଏସପି, କନ୍ଧମାଳ), ଶ୍ରୀ ନାଗରାଜ (ଏସପି, କଳାହାଣ୍ଡି) ପ୍ରମୁଖ ଉପସ୍ଥିତ ଥିଲେ । ଏହା ସହ ଏଡିଜି ପାଣ୍ଡା ସୂଚନା ଦେଇଥିଲେ ଯେ, ଏପର୍ଯ୍ୟନ୍ତ ନୂଆପଡ଼ା, ନବରଙ୍ଗପୁର, ମାଲକାନଗିରି, କୋରାପୁଟ ଓ ବୌଦ୍ଧ ଜିଲ୍ଲା ସମ୍ପୂର୍ଣ୍ଣ ଭାବେ ନକ୍ସଲ ମୁକ୍ତ ହୋଇସାରିଛି ।ଶେଷରେ ଏଡିଜି ପଣ୍ଡା ଅନ୍ୟ ମାଓବାଦୀମାନଙ୍କୁ ମଧ୍ୟ ହିଂସାର ପଥ ଛାଡ଼ି ପୁଲିସ ସମ୍ମୁଖରେ ଆତ୍ମସମର୍ପଣ କରିବାକୁ ଆହ୍ୱାନ ଦେଇଥିଲେ ଏବଂ ଆତ୍ମସମର୍ପଣ ନୀତି ଅନୁଯାୟୀ ସମସ୍ତ ପ୍ରକାର ସହଯୋଗ ମିଳିବ ବୋଲି ଆଶ୍ୱାସନ ଦେଇଥିଲେ ।

## ଗାନ୍ଧୀ ଶିଳ୍ପ ବଜାର ହସ୍ତଶିଳ୍ପ ପ୍ରଦର୍ଶନୀ ଉଦଘାଟିତ

ପୁରୀ,୮ ।୨:(ମନ୍ଥନ) ଆଜି ଠାରୁ ପୁରୀ ନୀଳାଚଳ ଅର୍ବାନ ହାଟ ପରିସରରେ ଆରମ୍ଭ ହୋଇଛି ଗାନ୍ଧୀ ଶିଳ୍ପ ବଜାର ହସ୍ତଶିଳ୍ପ ପ୍ରଦର୍ଶନୀ । ଭାରତ ସରକାରଙ୍କ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ ଏବଂ ଅନୁଗୁଳ ସ୍ଥିତ ଲାଇଫ କେୟାର ସଂଗଠନ ପକ୍ଷରୁ ଆୟୋଜିତ ହେଉଥିବା ଏହି ପ୍ରଦର୍ଶନୀ ଆଜି ଠାରୁ ଚଳିତ ମାସ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି ପ୍ରଦର୍ଶନୀ କୁ ଉଦଘାଟନ କରି ଭାରତ ସରକାରଙ୍କ ହସ୍ତଶିଳ୍ପ ମନ୍ତ୍ରଣାଳୟର ଆଞ୍ଚଳିକ ନିର୍ଦ୍ଦେଶକ ସନ୍ଦୀପ କୁମାର ଶିଳ୍ପୀ ମାନଙ୍କ ପ୍ରତିଭାର ପ୍ରଦର୍ଶନ, ଉତ୍ପାଦର ବିକ୍ରି ଓ ଆର୍ଥିକ ସମୃଦ୍ଧି ପାଇଁ ଏହି ପ୍ରଦର୍ଶନୀ ବିଶେଷ ଉପଯୋଗୀ ସାବ୍ୟସ୍ତ ହେବ ବୋଲି କହିଥିଲେ । ଦେଶର ବିଭିନ୍ନ ସ୍ଥାନରେ କଳାକାର, ଶିଳ୍ପୀ ମାନଙ୍କ ଉତ୍ପାଦର ବଜାର ସୃଷ୍ଟି ଏହାର ଲକ୍ଷ୍ୟୟଅଧିକ ରୁ ଅଧିକ ଶିଳ୍ପୀ କୁ ଏଥିରେ ସାମିଲ ପାଇଁ ସେ ଅନୁରୋଧ କରିଥିଲେ । ଅତିରିକ୍ତ ନିର୍ଦ୍ଦେଶକ ଭୂବନ ଭାସ୍କର ଏହି ପ୍ରଦର୍ଶନୀ କୁ ବର୍ଷ ସାରା ଆୟୋଜନ ମାଧ୍ୟମରେ ଶିଳ୍ପୀ ମାନଙ୍କୁ ଉତ୍ସାହିତ କରିବା, କାର୍ଯ୍ୟକ୍ରମ କୁ ଅଧିକ ପ୍ରଚାର ପ୍ରସାର କରିବା, ଗ୍ରାମାଞ୍ଚଳର ଅଧିକ ଉତ୍ପାଦ କୁ ଚିହ୍ନଟ କରି ପ୍ରଦର୍ଶନୀ ରେ ସାମିଲ ପାଇଁ ପରାମର୍ଶ ଦେଇଥିଲେ ।ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ହସ୍ତଶିଳ୍ପ ଉପ ନିର୍ଦ୍ଦେଶକ ବିଷ୍ଣୁ ପଦ ମାରାଣ୍ଡି,ଏଚ ପି ଓ ବୀର ଭାରତ, ପ୍ରମେନ୍ଦ୍ର ସିହ୍ନା ପ୍ରମୁଖ ଯୋଗ ଦେଇ କଳା, କଳାକାର ଓ ଶିଳ୍ପୀ ମାନଙ୍କ ଆର୍ଥିକ ମଜବୁତ ରେ ଏହି ପ୍ରଦର୍ଶନୀ ସହାୟକ ହେବା ସହ ସେମାନଙ୍କ ପାଇଁ ଥିବା ସରକାରୀ ବ୍ୟବସ୍ଥା, ସହାୟତା ଓ ସହଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ ।

## ଧାନ କିଣା ସମ୍ବନ୍ଧୀୟ ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ

ଛତ୍ରପୁର,୮ ।୨:(ମନ୍ଥନ) ଗଞ୍ଜାମ ଜିଲ୍ଲାରେ ଧାନ କିଣା ପ୍ରକ୍ରିୟା ଚାଲୁ ରହିଥିବା ବେଳେ ଏହାକୁ ସୁରୁଖୁରରେ ସମ୍ପାଦନ କରିବା ପାଇଁ ଗଞ୍ଜାମ ଜିଲ୍ଲାପାଳ ଜିଲ୍ଲାପାଳ ଭି. କିର୍ତ୍ତିଭାସନ୍ ଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ୟ ଜିଲ୍ଲାରେ ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଏଯାବ୍ ୧୫ ପ୍ରତିଶତ ଧାନ ଅଧିକ କିଣାଯାଇଛି । ଜିଲ୍ଲାର ସମସ୍ତ ବ୍ଲକରେ ଏହି ପ୍ରକ୍ରିୟା କିପରି ଚାଲିଛି ତାକୁ ନେଇ ଜିଲ୍ଲାପାଳ ଜିଲ୍ଲାର ସମସ୍ତ ଅଧିକାରୀଙ୍କୁ ପଚାରି ବୁଝିଥିଲେ । ଏହା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଜିଲ୍ଲାରେ ସମସ୍ତ ଚାଷୀଙ୍କ ଠାରୁ ଧାନ କ୍ରୟ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ସେଗୁଡିକୁ ସୁରୁଖୁରରେ କ୍ରୟ କରିବା ପାଇଁ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ଜିଲ୍ଲାରେ ମୋଟ ୧ ଲକ୍ଷ ୫୬ ହଜାର ୭୧୩ ଜଣ ଚାଷୀ ଧାନ କିଣିବା ପାଇଁ ପଞ୍ଜୀକରଣ କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ ୭ ହଜାର ୮୫୪ ଜଣ ଚାଷୀଙ୍କ ଠାରୁ ଧାନ କ୍ରୟ କରାଯାଇଛି । ଚଳିତ ବର୍ଷ ଜିଲ୍ଲାକୁ ୩ ଟି ପର୍ଯ୍ୟାୟରେ ୫୧ ଲକ୍ଷ ୫୬ ହଜାର ୩୦୦ କୁଇଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩୮ ଲକ୍ଷ ୯୭ ହଜାର ୮୭୨ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି ।ଯାହାକି ୬୯ ପ୍ରତିଶତ ଅଟେ । ସେହିଭଳି ବର୍ତ୍ତମାନ ସୁଦ୍ଧା ୯୪ ହଜାର ୯୯୮ ଜଣ ଚାଷୀ ନିଜ ନିଜ ଟଙ୍କା ପାଇ ସାରିଛନ୍ତି । ୧ ଲକ୍ଷ ୬୪ ହଜାର ୮୩୭ ଜଣ ଚାଷୀଙ୍କୁ ଟୋକେନ ପ୍ରଦାନ କରାଯାଇଥିବା ବେଳେ ୧ ଲକ୍ଷ ୧୪ ହଜାର ୨୦୦ ଟି ଟୋକେନରୁ ଧାନ କ୍ରୟ କରାଯାଇଛି । ଜିଲ୍ଲାରେ ୧୨୫ ଜଣଙ୍କ ଟୋକେନ ର ଅବଧି ଶେଷ ହୋଇଯାଇଥିବା ବେଳେ ୮୯ ଟି ଟୋକେନର ସମୟସୀମା ବୃଦ୍ଧି କରାଯାଇଛି । ବଳକା ଥିବା ଟୋକେନ ଗୁଡିକ ପର୍ଯ୍ୟାୟ କ୍ରମେ ସମୟସୀମା ବୃଦ୍ଧି କରାଯିବ । ଚଳିତ ବର୍ଷ ଧାନ କ୍ରୟ ପାଇଁ ମୋଟ ୫୦୫ ଟି ମଣ୍ଡି ଖୋଲାଯାଇଥିବା ବେଳେ ୩୭୧ ଟି ପ୍ୟାକ୍ସ, ୧୩୩ ଟି ଏସଏଚଜି ଓ ଗୋଟାଏ ପାଣି ପଂଚାୟତକୁ ନିଯୋଜିତ କରାଯାଇଛି । ସୂଚନା ଥାଉ କି, ଗତ ବର୍ଷ ଜିଲ୍ଲାରେ ୧ ଲକ୍ଷ ୪୬ ହଜାର ୫୦୪ ଜଣ ଚାଷୀ ଧାନ କ୍ରୟ ପାଇଁ ପଞ୍ଜୀକରଣ କରିଥିବା ବେଳେ ୧ ଲକ୍ଷ ୩୯ ହଜାର ୮୮୪ ଜଣ ଚାଷୀଙ୍କ ଧାନ କ୍ରୟ କରାଯାଇଥିଲା । ଗତ ବର୍ଷ ୬୦ ଲକ୍ଷ ୨୪ ହଜାର ୩୦୦ କୁଇଣ୍ଟାଲ ଧାନ କ୍ରୟ ପାଇଁ ଲକ୍ଷ୍ୟ ଥିବା ବେଳେ ୫୮ ଲକ୍ଷ ୮୦ ହଜାର ୮୫୪ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା । ୪ ହଜାର ୮୦୦ ଜଣ ଚାଷୀ ଧାନ କ୍ରୟରୁ ବାଦ ପଡିଥିଲେ । ଏଣୁ ଚଳିତ ବର୍ଷ ଯେପରି ସମସ୍ତ ଚାଷୀ ଙ୍କ ଧାନ କ୍ରୟ କରାଯିବ ସେ ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା



। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରାଉତରାୟ, ଏଆରସିଏସ ଯୋଗମାୟା ସାବତ ପ୍ରମୁଖ ଉପସ୍ଥିତ ଥିବା ବେଳେ ଜିଲ୍ଲାର ସମସ୍ତ ବ୍ଲକର ବିଡିଓ, ତହସିଲଦାର, ଏମଆଇ, ବିପିସି, ଅତିରିକ୍ତ ଯୋଗାଣ ଅଧିକାରୀ, ଏଆରସିଏସ, ସିଆରସିଏସ, କର୍ପୋରେଟିଭ ସୋସାଇଟିର ସଦସ୍ୟ ଆଭାସୀ ଯୋଗେ ଉପସ୍ଥିତ ଥିଲେ ।

## ବଲାଙ୍ଗୀ କଲେଜ ଇତିହାସ ବିଭାଗ ପକ୍ଷରୁ କର୍ମଶାଳା

ବଲଙ୍ଗା,୮ ।୨:(ମନ୍ଥନ)ବଲଙ୍ଗା ମହାବିଦ୍ୟାଳୟ ଇତିହାସ ବିଭାଗ ଆନୁକୁଲ୍ୟରେ 'ଓଡିଶାର ନାରୀନେତ୍ରୀ ମାନଙ୍କ ସ୍ୱାଧୀନତା ଆନ୍ଦୋଳନରେ' ଆଲୋଚନା ଶୀର୍ଷକ ଏକ କର୍ମଶାଳା ଆୟୋଜନ କରାଯାଇଥିଲା । ଏଥିରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଭାତ କୁମାର ସାହୁ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ଗାନ୍ଧୀବାଦୀ ନେତା ପ୍ରହ୍ଲାଦ ସିଂହ ତଥା ଗାଦୀବ୍ରହ୍ମ ମହାବିଦ୍ୟାଳୟର ଅଧକ୍ଷ ସରୋଜ ପଣ୍ଡାକୁ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ । ଏଥିରେ ବରିଷ୍ଠ ଅଧ୍ୟାପକ ବଳଭଦ୍ର ରଥ ମୁଖ୍ୟ ସଂପାଦକ ଥିବା ବେଳେ,ଓଡିଆ ବିଭାଗର ମୁଖ୍ୟ ମିଥୁନ୍ ମଲ୍ଲିକ ସଭା ସଞ୍ଚାଳନ କରିଥିଲେ । ଏଥିରେ ବିଭାଗୀୟ ଅଧିକ୍ଷୀକା ପ୍ରତିମା ମିର୍ଦ୍ଧା ସଂକ୍ରିୟ ଭୂମିକା ଗ୍ରହଣ କରିଥିଲେ । ଏଥିରେ ବିଭାଗୀୟ ଛାତ୍ରୀ ସୁଧିତୀ ମହାପାତ୍ର, ପ୍ରିୟଙ୍କା ବେହେରା ,ଓମ୍ ପ୍ରକାଶ ଦିକ୍ଷୀତ , ଧାରାଶ୍ରୀ ପାତ୍ର, ଲକ୍ଷ୍ମୀ ପ୍ରିୟା ସାମନ୍ତରାୟ , ରାଫିକ୍ ଅଲ୍ଲୀ ବିଷୟ ସମ୍ବନ୍ଧୀୟ ସନ୍ଦର୍ଭମାନ ଉପସ୍ଥାପନ କରିଥିଲେ ।

## ପ୍ରବୋଧ ସ୍ୱାଇଁର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ

ଅନୁଗୋଳ,୮ ।୨:(ମନ୍ଥନ)ପ୍ରିୟଙ୍କା ଗାନ୍ଧୀ ସଂଗଠନ ଅଲ ଇଣ୍ଡିଆ । ପି.ଜି.ଏସ.ଏ.ଆଇ ର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ପାଇଛନ୍ତି । ସଂଗଠନ ର ରାଷ୍ଟ୍ରୀୟ ସଭାପତି ତଥା ପ୍ରତିଷ୍ଠାତା କୋମଲ ଜିତ ସିଂ ଓ ଉପସଭାପତି ତଥା ସଂଯୋଜକ ଜି. ଓ୍ୱାଇ ବିଶ୍ୱାସ ଙ୍କ ଅନୁମୋଦନ କ୍ରମେ ଶ୍ରୀ ସ୍ୱାଇଁ ଙ୍କୁ (ପି. ଜି. ଏସ. ଏ. ଆଇ) ର ଜାତୀୟ ସାଧାରଣ ସଂପାଦକ ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତିୟ ଶ୍ରୀ ସ୍ୱାଇଁ ଛାତ୍ର ଜୀବନ ରୁ ନିଜର ରାଜ ନୈତିକ ପରାକାଷ୍ଠା ଦେଖେଇ ଆସିଛନ୍ତି । ଶ୍ରୀ ସ୍ୱାଇଁ ଅବିଭକ୍ତ ଢେଙ୍କାନାଳ ଜିଲ୍ଲା ଛାତ୍ର କଂଗ୍ରେସ ର ସାଧାରଣ ସମ୍ପାଦକ ଏବଂ ଜିଲ୍ଲା ଓ.ବି.ସି ସେଲ ର ସଭାପତି ରୂପେ ନିଜର ଦାୟିତ୍ୱ ନିର୍ବାହ କରି ସାରିଛନ୍ତି । ତତସହିତ ଶ୍ରୀ ସ୍ୱାଇଁ ବିଭିନ୍ନ ସାମାଜିକ ସଂଗଠନ ରେ ନିଜର ଦାୟିତ୍ୱ ନିର୍ବାହ କରୁଛନ୍ତ । ଯଥା ପୂଜ୍ୟ ପୂଜା ଅନୁଷ୍ଠାନ ତଥା ଅନୁଗୁଳ ଜିଲ୍ଲା ସୁରକ୍ଷା ମଞ୍ଚ... ବିଦ୍ୟୁତ୍ୟ ଉପଭୋକ୍ତ ସଂଘ.... ହାତୀ ସୁରକ୍ଷା ଜୀବନ ରକ୍ଷା ଏବଂ ବିଭିନ୍ନ ପୂଜା ଅନୁଷ୍ଠାନ ଗୁଡିକର ସଭାପତି ଦାୟିତ୍ୱ ସୁଚାରିତ ରୂପେ ତୁଲାଇ ଆସୁଛନ୍ତି ।ଏବଂ ଶ୍ରୀ ସ୍ୱାଇଁ ଜାତୀୟ ସାଧାରଣ ସମ୍ପାଦକ (ପି. ଜି. ଏସ. ଏ. ଆଇ)ର ଦାୟିତ୍ୱ ସହିତ ରାଜ୍ୟ ସଭାପତି ଦାୟିତ୍ୱ ରେ ମଧ୍ୟ ରହିବେ । ନୂତନ ସଭାପତି ଚୟନ ନ ହେବା ପର୍ଯ୍ୟନ୍ତ । ଏବଂ ଶ୍ରୀ ସ୍ୱାଇଁ ଙ୍କୁ ନୂତନ ଦାୟିତ୍ୱ ମିଳିବା ପରେ ଆଗାମୀ ଦିନ ରେ କଂଗ୍ରେସ ଲୋକ ଙ୍କ ଆସ୍ଥା ଭାଜନ ହେଇ ପାରିବ ବୋଲି କର୍ମୀ ମାନଙ୍କ ମଧ୍ୟ ରେ ନୂତନ ଉତ୍ସାହ ଉଦିପନା ଶୃଷ୍ଟି ହେଇଚି । ଶ୍ରୀ ସ୍ୱାଇଁ ସାରା ଓଡିଶା ରେ ଜଣେ ସାମାଜିକ କର୍ମୀ ହିସାବ ରେ ଜଣା ଶୁଣା ।

## ଜନଗଣନା ଅଧିକାରୀଙ୍କ ସମୀକ୍ଷା ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ

ଅନୁଗୋଳ,୮ ।୨:(ମନ୍ଥନ)ଆଜି ସ୍ଥାନୀୟ ଜିଲ୍ଲା ସମ୍ମିଳନୀ କକ୍ଷଠାରେ ୨୦୨୭ ଜନଗଣନା ନିମନ୍ତେ ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ସମୀକ୍ଷା ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟ ଅଧକ୍ଷ ଭାବେ ଯୋଗଦେଇ ଜନଗଣନା ଏକ ଦର୍ପଣ ସଦୃଶ ବୋଲି କହିଥିଲେ । ଏହି ଜନଗଣନାରେ କେବଳ ବ୍ୟକ୍ତିବିଶେଷଙ୍କ ଗଣନା ନୁହେଁ, ପ୍ରତ୍ୟେକ ପରିବାରର ଆର୍ଥିକ, ସାମାଜିକ ଅବସ୍ଥାର ସଂପୂର୍ଣ୍ଣ ବିବରଣୀ ସଂଗ୍ରହ କରାଯିବ ଯାହା ଯୋଜନା ଏବଂ ନୀତି ପ୍ରଣୟନରେ ସାହାଯ୍ୟ କରିବ



ବୋଲି ସେ କହିଥିଲେ । ରାଜ୍ୟ ଜନଗଣନା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଶ୍ରୀ ପବିତ୍ର କୁମାର ମହଲା ଓ ପରିସଂଖ୍ୟାନ ଅନୁସନ୍ଧାନକାରୀ ଶ୍ରୀ ଦିପକ କୁମାର ଗୃହ ତାଲିକାକରଣ ଏବଂ ଗୃହ ଗଣନାର ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଜନଗଣନାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଆସନ୍ତା ୧୬ ଏପ୍ରିଲରୁ ଆରମ୍ଭ ହୋଇ ୧୫ ମଇ ପର୍ଯ୍ୟନ୍ତ ଚାଲିବ । ଏହା ଦେଶର ପ୍ରଥମ ଡିଜିଟାଲ ଜନଗଣନା ହୋଇଥିବାରୁ ସାଧାରଣ ଜନତାଙ୍କ ସୁବିଧା ପାଇଁ ଆସନ୍ତା ୧ ରୁ ୧୫ ଏପ୍ରିଲ ପର୍ଯ୍ୟନ୍ତ ନିଜସ୍ୱଗଣନା ବ୍ୟବସ୍ଥା ଉପଲବ୍ଧ ରହିବ, ଯେଉଁଠାରେ ନାଗରିକମାନେ ନିଜେ ନିଜର ତଥ୍ୟ ପ୍ରଦାନ କରିପାରିବେ । ମୋବାଇଲ୍ ଆପ୍ ବ୍ୟବହାର ଏବଂ ଜନଗଣନା ପରିଚାଳନା ଓ ନିରୀକ୍ଷଣ ପୋର୍ଟାଲ ସମ୍ପର୍କରେ ସମସ୍ତ ନିଯୁକ୍ତ ଅଧିକାରୀମାନଙ୍କୁ ବିଧିବଦ୍ଧ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ମାୟାଧର ବେହେରା, ତାଳଚେର ଉପଜିଲ୍ଲାପାଳ ଶ୍ରୀ ସମୀର କୁମାର ଜେନା, ଆଠମଲ୍ଲିକ ଉପଜିଲ୍ଲାପାଳ ଶ୍ରୀ ଉପେନ୍ଦ୍ର ଲୋହା, ପାଲଲହଡ଼ା ଉପଜିଲ୍ଲାପାଳ ଶ୍ରୀ ରବୀନ୍ଦ୍ର କୁମାର ପଟେଲ, ଡେପୁଟି କଲେକ୍ଟର ଶ୍ରୀ ଜୟକୃଷ୍ଣ ପାତ୍ର, ସହକାରୀ ଜିଲ୍ଲାପାଳ ଶ୍ରୀ ସଞ୍ଜୟ କୁମାର ଭୋଇ, ତହସିଲଦାର, ଅତିରିକ୍ତ ତହସିଲଦାର, ମ୍ୟୁନିସିପାଲଟି ଓ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ, ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀପ୍ରମୁଖ ଉପସ୍ଥିତ ଥିଲେ ।

## ନିଶାମୁକ୍ତ ପଞ୍ଚାୟତ ଗଠନ ପାଇଁ ଘନିପୁର ନିଶାନିବାରଣ ମଂଚ ପକ୍ଷରୁ ଦାବିପତ୍ର ପ୍ରଦାନ

ଡେଲାଙ୍ଗ,୮ ।୨:(ମନ୍ଥନ)ଡେଲାଙ୍ଗ ବ୍ଲକର ଘନିପୁର ପଂଚାୟତରେ ଦିନକୁ ଦିନ ବେଆଇନ ନିଶାକାରବାର ପାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି ।ଯାହା ଫଳରେ ସ୍ଥାନୀୟ ଅଂଚଳର ଶିକ୍ଷିତ ଓ ବେକାର ଯୁବକ ନିଶାକବଳରେ ପଡି ବିପଦଗାମୀ ହେବାରେ ଲାଗିଛନ୍ତି । ପଂଚାୟତର ବରିଷ୍ଠ ବୁଦ୍ଧିଜୀବୀମାନେ ନିଶାକାରବାର ବନ୍ଦ କରିବା ବହୁବାର ପ୍ରଶାସନ ନିକଟରେ ଅଭିଯୋଗ କରି ଆସୁଥିଲେ ସୁଧା ଏଦିଗ ପ୍ରତି କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଅଭିଯୋଗ ହୋଇଛି । ପଥଭ୍ରଷ୍ଟ ପରିବାର ଓ ଯୁବକମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଲକ୍ଷ୍ୟନେଇ ଜାନୁଆରୀ ୩୧ ତାରିଖର ଠାରୁ ପଂଚାୟତ ସ୍ତରୀୟ ନିଶା ନିବାରଣ ମଂଚ ଗଠନ ହୋଇଥିଲା । ଏହି ମଂଚ ଅଂଚଳରେ ବେଆଇନ ନିଶାକାରବାରକୁ ରୋକ ଲଗାଇବା ପାଇଁ ଉଦ୍ୟମ ଜାରୀ ରଖିବ ବୋଲି ସୂଚନା ମିଳିଛି । ସମାଜସେବୀ ତଥା ଯୁବ ଆଇନୀଜୀବୀ ଶଶି ଶେଖର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତିକ୍ରମେ ନିଶାନିବାରଣ ମଂଚର ସଭାପତି ଭାବେ ଚିନ୍ମୟୀ ପରିଡାଙ୍କୁ ଚୟନ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଘନିପୁର ପଞ୍ଚାୟତର ଭାରପ୍ରାପ୍ତ ସରପଂଚ କାମିନି ରାଉତରାୟ, ସମିତିସଭ୍ୟା ରାଜଲକ୍ଷ୍ମୀ ବେହେରା, ନିଶାନିବାରଣ ମଂଚ



ସଭାପତି ଚିନ୍ମୟୀ ପରିଡାଙ୍କ ସମେତ ମଂଚର ସଦସ୍ୟଙ୍କ ସମେତ ପଂଚାୟତର ଶତାଧିକ ମହିଳା ପୁରୁଷ ଏଥିରେ ସାମିଲ ହୋଇ କାର୍ଯ୍ୟକ୍ରମ କୁ ସ୍ୱାଗତ କରିଥିଲେ । ଅଂଚଳରେ ନିଶା ପାଇଁ ହେଉଥିବା ଘରୋଇ ହିଂସା ସହିତ ଯୁବଗୋଷ୍ଠୀ ବିପଥଗାମୀ ଆଡକୁ ଯାଉଥିବା ବେଳେ ଏହାକୁ ରୋକିବାକୁ ହେଲେ ପ୍ରଥମେ ନିଶାକାରବାରକୁ ଅଂଚଳରୁ ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ସ୍ଥାନୀୟ ଅଞ୍ଚଳରୁ କିପରି ନିଶାକାରବାର ବନ୍ଦ କରାଯିବ ସେନେଇ ସମସ୍ତେ ଶପଥ ପାଠ କରିଥିଲେ । ଏହି ପରିପ୍ରେକ୍ଷିରେ ବେଆଇନ୍ ନିଶାକାରବାର ଉପରେ ରୋକ ଲଗାଇବା ପାଇଁ ସ୍ଥାନୀୟ ପୋଲିସ ସହାୟତା କେନ୍ଦ୍ରର ଅଧିକାରୀ କୁଳମଣି ବେହେରାଙ୍କୁ ଦାବୀପତ୍ର ଦେବା ସମେତ ମୁଖ୍ୟମନ୍ତ୍ରୀ ଓଡିଶା, ପୁରୀ ଆରକ୍ଷୀ ଅଧିକ୍ଷକ,ଅବକାରୀ ଅଧିକ୍ଷକ ପୁରୀ,ଡେଲାଙ୍ଗ ଥାନା ଆଇଆଇସିଙ୍କୁ ନିଶାକାରବାରରେ ସମ୍ପୃକ୍ତ ବ୍ୟକ୍ତି ବିରୋଧରେ ଦୃଢକାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବୀପତ୍ର ଡାକ ମାଧ୍ୟମରେ ପ୍ରଦାନ କରିଛନ୍ତି । ଅଂଚଳରୁ ବେଆଇନ ନିଶାକାରବାର ବନ୍ଦ କାର୍ଯ୍ୟକୁ ମଞ୍ଚ ହାତକୁ ନେଇଥିବାରୁ ଚାରିଆଡୁ ପ୍ରଶଂସାର ସୁଅ ଛୁଟିଛି ।

## ଅଫିମ ଚାଷ କୁ ନଷ୍ଟ କଲା ପୋଲିସ ପ୍ରଶାସନ ଏବଂ ଅବକାରୀ ବିଭାଗ

କୋଇଡ଼ା,୮ ।୨:(ମନ୍ଥନ)ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ଥାନା କାଲଟା ପଞ୍ଚାୟତ ଅନ୍ତର୍ଗତ ପୁଣ୍ଡୁପୋଖରୀ ଗ୍ରାମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲ ଜମିରେ ଚାଲିଥିବା ଏକ ବିଶାଳ ବେଆଇନ ଅଫିମ ଚାଷ ଉପରେ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଏକ ବଡ଼ ଧରଣର ଚଢ଼ାଉ କରାଯାଇଛି । ଉକ୍ତ ଗୁପ୍ତ ସୂଚନା ଅନୁଯାୟୀ ରାଉରକେଲା ଆରକ୍ଷୀ ଅଧିକ୍ଷକ ନୀତିଶ ଓ୍ୱାଡ୍ୱାନୀ ଙ୍କ ନିର୍ଦ୍ଦେଶ କ୍ରମେ ବଣାଇ ଏସ୍ଡିପିଓ ରାମଚନ୍ଦ୍ର ବିଶ୍ୱାଳ ଙ୍କ ତତ୍ତ୍ୱାବଧାନ ରେ କୋଇଡା ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁ କୋଇଡା ତହସିଲଦାର ନିର୍ମଳ ବିଶ୍ୱାଳ ଏବଂ ଅବକାରୀ ବିଭାଗ ର ଇନ୍ସପେକ୍ଟର ହେମନ୍ତ ମହାନନ୍ଦ, ପୁଷ୍ପଲତା ଗୋସ୍ୱାମୀ ଙ୍କ ସମେତ ପୋଲିସ ଏବଂ ଅବକାରୀ ବିଭାଗ ର କର୍ମଚାରୀ ମାନେ ଏହି ଅପରେସନ ସାମିଲ ହୋଇ ପ୍ରାୟ ୫ ଏକର ଜମିରେ ହୋଇଥିବା ବେଆଇନ ଗଛଗୁଡ଼ିକୁ କାଟି ପୋଡ଼ି ନଷ୍ଟ କରି ଦେଇଥିଲେ । ପୋଲିସ ପ୍ରଶାସନ କହିବା ଅନୁଯାଇ ସେମାନେପହଞ୍ଚିବା ବେଳକୁ ଅଫିମ ଗଛଗୁଡ଼ିକରେ ଫୁଲ ଫୁଟି ଅମଳ ପାଇଁ ପ୍ରସ୍ତୁତ ହେଉଥିଲାୟ ଏହି ଅଫିମ ଚାଷର ଆନୁମାନିକ ବଜାର ମୂଲ୍ୟ ୫୦ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ପ୍ରଶାସନ ପକ୍ଷରୁ ଆକଳନ କରାଯାଇଛି ।ଏହି ମାମଲାରେ ପୋଲିସ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି । ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଅଟକ ବ୍ୟକ୍ତିମାନେ ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟର ଶ୍ରମିକ ଏବଂ ଏହି ବେଆଇନ କାରବାର ପଛରେ ଏକ ବଡ଼ ଆନ୍ତଃରାଜ୍ୟ ମାଫିଆ । ଗ୍ୟାଙ୍ଗର ହାତ ରହିଛି । କୋଇଡା ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁ ଏବଂ ଅବକାରୀ ବିଭାଗ ଇନ୍ସପେକ୍ଟର ହେମନ୍ତ ମହାନନ୍ଦ କହିବା ଅନୁଯାଇଏହା ରାଜ୍ୟର ଅନ୍ୟତମ ବୃହତ ଅଫିମ ଚାଷ ଯାହାକୁ ନଷ୍ଟ କରିଦିଆଯାଇଛି ।



## ସୁନ୍ଦରଗଡ ଜିଲ୍ଲାରେ ବେଆଇନ ଅଫିମ ଚାଷ ଉପରେ ଚଢ଼ାଉ

# ୫୦ ଲକ୍ଷରୁ ଅଧିକ ଟଙ୍କାର ଅଫିମ ଚାଷ ନଷ୍ଟ

**କୋଇଡ଼ା, ୮।୨ (ନି.ପ୍ର):** ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ଥାନା କାଲଟା ପଞ୍ଚାୟତ ଅନ୍ତର୍ଗତ ପୁଣ୍ଡୁପୋଖରୀ ଗ୍ରାମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲ ଜମିରେ ଚାଲିଥିବା ଏକ ବିଶାଳ ବେଆଇନ ଅଫିମ ଚାଷ ଉପରେ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଏକ ବଡ଼ ଧରଣର ଚଢ଼ାଉ କରାଯାଇଛି। ଉକ୍ତ ଗୁପ୍ତ ସୂଚନା ଅନୁଯାୟୀ କୋଇଡ଼ା ତହସିଲଦାର ନିର୍ମଳା ବିଶ୍ୱାଳ ଏବଂ ରାଉରକେଲା ଏସପି ନୀତୀଶ ୱାଧୱାନିଙ୍କ ତତ୍ତ୍ୱାବଧାନରେ ଏହି ଅପରେସନ କରାଯାଇ ପ୍ରାୟ ୫ ଏକର ଜମିରେ ହୋଇଥିବା ଅଫିମ ଚାଷକୁ ନଷ୍ଟ କରାଯାଇଛି। ପୁଲିସ ପ୍ରଶାସନ ଓ ତହସିଲଦାର ନିଜେ ଘଟଣାସ୍ଥଳ ପରିଦର୍ଶନ କରି ବେଆଇନ ଗଛଗୁଡ଼ିକୁ କାଟି ପୋଡ଼ି ନଷ୍ଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ପ୍ରଶାସନ କହିବା ଅନୁଯାଇ ସେମାନେପହଞ୍ଚିବା ବେଳକୁ ଅଫିମ ଗଛଗୁଡ଼ିକରେ ଫୁଲ ଫୁଟି ଅମଳ ପାଇଁ ପ୍ରସ୍ତୁତ ହେଉଥିଲା। ଏହି ଅଫିମ ଚାଷର ଆନୁମାନିକ ବଜାର ମୂଲ୍ୟ ୫୦ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ପ୍ରଶାସନ ପକ୍ଷରୁ ଆକଳନ କରାଯାଇଛି। ଏହି ମାମଲାରେ ପୋଲିସ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।



ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଅଟକ ବ୍ୟକ୍ତିମାନେ ପଡ଼ଶୀ ଝାଡ଼ଖଣ୍ଡ ରାଜ୍ୟର ଶ୍ରମିକ ଏବଂ ଏହି ବେଆଇନ କାରବାର ପଛରେ ଏକ ବଡ଼ ଆନ୍ତଃରାଜ୍ୟ ମାଫିଆ ଗ୍ୟାଙ୍ଗର ହାତ ରହିଛି। କୋଇଡା ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁ କହିବା ଅନୁଯାଇ। ଏହା ରାଜ୍ୟର ଅନ୍ୟତମ ବୃହତ ଅଫିମ ଚାଷ ଯାହାକୁ ନଷ୍ଟ କରିଦିଆଯାଇଛି। ଏହା ସହିତ ତାଙ୍କ ପତିକ୍ରିୟା କହିଛନ୍ତି ଯେ 'ଜଙ୍ଗଲ ଜମିରେ ଏଭଳି ବେଆଇନ ନିଶାଦ୍ରବ୍ୟ ଚାଷକୁ କଦାପି ବରଦାସ୍ତ କରାଯିବ ନାହିଁ। ଏଥିରେ ସଂପୃକ୍ତ ଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ। ଏହା ସହିତ ସାଧାରଣ ଜନତା ଙ୍କ ମଧ ପ୍ରଶ୍ନ ଉଠୁଛି ଅଫିମ ଚାଷ ପାଇଁ ଉର୍ବର, ଦୋରସା ମାଟି ଯାହାର pH 6.0 ରୁ ୭.୫ ଦରକାର ଏବଂ ଏହା ଏହି ସ୍ଥାନ ବୋଲି କିପରି ଗବେଷଣା କଲେ ଏହା ଉପରେ ଅଧିକ ତଦନ୍ତ ହେବାକଥା।

# ସୋନାଲିକା ପକ୍ଷରୁ ନୂତନ 'ଗୋଲ୍ଡ ସିରିଜ'ର ଶୁଭାରମ୍ଭ

**ଭୁବନେଶ୍ୱର, ୮।୨ (ନି.ପ୍ର) :** ସୋନାଲିକା ଟ୍ରାକ୍ଟର୍ସ ପକ୍ଷରୁ ବ୍ରାଣ୍ଡ ଉପରେ କୃଷକଙ୍କ ୩୦ ବର୍ଷର ବିଶ୍ୱାସକୁ ପାଳନ କରି, ସମ୍ପୂର୍ଣ୍ଣ ନୂତନ ଏବଂ ଶକ୍ତିଶାଳୀ 'ସୋନାଲିକା ଗୋଲ୍ଡ ସିରିଜ୍'ର ଶୁଭାରମ୍ଭ କରାଯାଇଛି। କୃଷି ଉପକରଣଗୁଡ଼ିକ ବୃଦ୍ଧି ପାଇବା ସହିତ, କୃଷକଙ୍କ କାର୍ଯ୍ୟଭାର ଅଧିକ ହେବାରେ ଲାଗିଛି, ତେଣୁ ସୋନାଲିକା ଦ୍ରୁତ ଗତିରେ ବିକଶିତ ହେଉଥିବା ଚାଷୀଙ୍କ ଆବଶ୍ୟକତା ସହିତ ମେଳ ଖାଉଥିବା ପାଇଁ ଏହାର ନୂତନ ସିରିଜରେ ଦୁଇଟି ଟ୍ରାକ୍ଟର ଯଥା ଗୋଲ୍ଡ ଡିଆଇ ୭୪୫ ଆଇଆଇଆଇ ଏବଂ ଗୋଲ୍ଡ ଡିଆଇ ୫୫ ଆଇଆଇଆଇର ଶୁଭାରମ୍ଭ କରିଛି। ନୂତନ ଗୋଲ୍ଡ ଡିଆଇ ୭୪୫ ଆଇଆଇଆଇ ଟ୍ରାକ୍ଟରଟି ନୂତନ ଏବଂ ସର୍ବବୃହତ ୩ ସିଲିଣ୍ଡର ଇ୩.୫ ଇନ ଦ୍ୱାରା ଚାଳିତ, ଯାହା ଶକ୍ତିଶାଳୀ କାର୍ଯ୍ୟଦକ୍ଷତା ପାଇଁ ୨୨୦ଏନଏମ ସର୍ବାଧିକ ଟର୍କ ସହିତ ୩୫୩୨ ସିସି କ୍ଷମତା ପ୍ରଦାନ କରେ। ଏଥିରେ ଏକ ନୂତନ ୧୬ଏଫ+୪ଆର ମଲ୍ଟି-ସ୍ପିଡ ଟ୍ରାନ୍ସମିସନ ମଧ ଦିଆଯାଇଛି ଯାହା ବିଭିନ୍ନ ପ୍ରୟୋଗରେ ଅଧିକ ଦକ୍ଷତା ସହିତ ଭାରୀ ଲୋଡ୍ ପରିଚାଳନା ପାଇଁ ସହଜ ପାୱାର ବିତରଣ ସୁନିଶ୍ଚିତ କରେ। ସମସ୍ତ ନୂତନ ଗ୍ଲୋବାଲ୍ ପିଟିଓ ଏବଂ ହାଇଡ୍ରୋଲିକ୍ସ ଯାହାର ୨୦୦୦ କିଲୋଗ୍ରାମ ଲିଫ୍ଟ କ୍ଷମତା ଏବଂ ଭାରୀ ଡ୍ୟୁଟି ଲିଙ୍କେଜ୍ ସହିତ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସର ସହିତ ବଡ଼ ଉପକରଣ ବ୍ୟବହାର କରିବାକୁ ସଶକ୍ତ କରିବା ପାଇଁ ଡିଜାଇନ୍ କରାଯାଇଛି। ଦୀର୍ଘ ସମୟ କାର୍ଯ୍ୟ ପାଇଁ ସ୍ଥିର କାର୍ଯ୍ୟଦକ୍ଷତା ସୁନିଶ୍ଚିତ କରିବା ପାଇଁ ନିଷ୍କାସନ ପ୍ରଣାଳୀକୁ ମଧ୍ୟ ଦୃଢ଼ ଭାବରେ ପୁନଃଇଜିନିୟର କରାଯାଇଛି।




ନୂତନ ଗୋଲ୍ଡ ସିରିଜ ସମ୍ପର୍କରେ ଇଂଟରନ୍ୟାସନାଲ୍ ଟ୍ରାକ୍ଟର୍ସ ଲିମିଟେଡ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ଶ୍ରୀଯୁକ୍ତ ରମଣ ମିତଲ କହିଛନ୍ତି, 'ଭାରତୀୟ ଚାଷୀଙ୍କ ସହିତ ୩୦ ବର୍ଷରୁ ଅଧିକ ସମୟ ଧରି ସହଭାଗୀତା କରି, ଆମେ ଏକ ମୌଳିକ ସତ୍ୟ ଶିଖିଛୁ - ଚାଷୀମାନେ ଏପରି ଶକ୍ତି ଖୋଜଁ ଯାହା ବିଶ୍ୱସ୍ତ ଏବଂ ପିଢ଼ି ପାଇଁ ଧୈର୍ଯ୍ୟ ପ୍ରଦାନ କରେ। ୩୦ ବର୍ଷର ଐତିହ୍ୟରୁ ଗଢ଼ି ତୋଳି ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଇଜିନିୟରିଂ ସହିତ ପରିଷ୍କୃତ, ଗୋଲ୍ଡ ସିରିଜ୍ ଏକ ସୁସଂସ୍କୃତ ନିବେଶକୁ ପ୍ରତିନିଧିତ୍ୱ କରେ ଯାହା ବର୍ଗର ସବୁଠାରୁ ବଡ଼ ଇନଗୁଡ଼ିକୁ ପରବର୍ତୀ ପିଢ଼ିର ଟ୍ରାନ୍ସମିସନ୍ ଏବଂ ପ୍ରିସିସନ୍ ହାଇଡ୍ରୋଲିକ୍ସ ସହିତ ସଂଯୁକ୍ତ କରିଛି।'

ଏହା ସହିତ, ନୂତନ ଗୋଲ୍ଡ ଡିଆଇ ୫୫ ଆଇଆଇଆଇ ଟ୍ରାକ୍ଟରରେ ନୂତନ ସବୁଠାରୁ ବଡ଼ ଇ୩.୫ ଇନ ଏବଂ ଡବଲ କ୍ଲଚ୍ ଆଇପିଟିଓ ସହିତ ୧୨ଏଫ+୩ଆର ମଲ୍ଟି ସ୍ପିଡ ଡ୍ରାଇଭଲାଇନ୍ ମଧ ରହିଛି ଯାହା ଚାହିଦାପୂର୍ଣ୍ଣ କାର୍ଯ୍ୟରେ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ପାଇଁ ସର୍ବାଧିକ ୨୩୫ଏନଏମ ଟର୍କ ପ୍ରଦାନ କରିଥାଏ। ଏଥିରେ ୨,୨୦୦ କିଲୋଗ୍ରାମ ଲିଫ୍ଟ କ୍ଷମତା ଏବଂ ଭାରୀ ଡ୍ୟୁଟି ଲିଙ୍କେଜ୍ ସହିତ ସମସ୍ତ ନୂତନ ହାଇଡ୍ରୋଲିକ୍ସ ରହିଛି ଯାହା ଏହାକୁ ଭବିଷ୍ୟତରେ ବଡ଼ ଉପକରଣ ପରିଚାଳନା ପାଇଁ ପ୍ରସ୍ତୁତ କରିଥାଏ। ଚାଷୀମାନଙ୍କୁ ଆରାମକୁ ଏକ ମୁଖ୍ୟ ପ୍ରାଥମିକତା ଭାବରେ ରଖି, ଉଭୟ ଟ୍ରାକ୍ଟରରେ ମସ୍କୁଲାର ନିର୍ମିତ ଡିଜାଇନ୍, ସିଗ୍ନେଚର ଗୋଲ୍ଡ ବ୍ୟାଜିଂ ଯାହା ସୁରକ୍ଷାକୁ ଦର୍ଶାଏ, ଏବଂ ଜେଟଲାଇନ୍ ଥ୍ରୋଟଲ୍, ଗୋଲଡେନ୍ ଗ୍ଲୋ ହେଡଲ୍ୟାମ୍ପ, ଏର୍ଗୋ ଡେକ୍ ପ୍ଲାଟଫର୍ମ, ପରବର୍ତୀ ପିଢ଼ିର କ୍ଲଷ୍ଟର ଏବଂ ଇଜେଡଜେଡ ଲିଫ୍ଟ ବନେଟ୍ ଭଳି ଗ୍ୟାସ୍ ଷ୍ଟ୍ରଟ୍ ସହିତ ସୁବିବେଚନାମୂଳକ ଭାବରେ ସମନ୍ୱିତ ବୈଶିଷ୍ଟ୍ୟଗୁଡ଼ିକ ରହିଛି।

## ତାଲଜୁରୀ ଆଦିବାସୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବଲାଙ୍ଗିର, ୮।୨ (ନି.ପ୍ର):** ଲୋଇସିଂହା ବ୍ଲକ୍ ଅନ୍ତର୍ଗତ ତାଲଜୁରୀ ଆଦିବାସୀ ଉଚ୍ଚ ବିଦ୍ୟାଳୟ ରେ ପ୍ରଧାନ ଶିକ୍ଷକ ନେପାଲ ଚନ୍ଦ୍ର ମହାରଣା ଙ୍କ ସଭାପତିତ୍ୱ ରେ ଆଜି ବହୁ ଆଡମ୍ବର ସହ ବାର୍ଷିକ ଉତ୍ସବ ପାଳିତ ହୋଇଥିଲା । ସରପଞ୍ଚ ଶ୍ରୀମାନ ହିମାଞ୍ଚଲ୍ ମେହେର ମୁଖ୍ୟ ଅତିଥି ହିସାବ ରେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ହିସାବ ରେ ଯୋଗଦେଇଥିଲେ ପୂର୍ବତନ ସରପଂଚ୍ ଶେଷଦେବ ଖମାରୀ ସମେତ ସ୍ୱାସ୍ଥ୍ୟ ମନ୍ତ୍ରୀ ଙ୍କ ପ୍ରତିନିଧି ଶ୍ରୀମତୀ ସସ୍ମିତା ବାଗ, ମୀନକେତନ ମେହେର, ମିଶ୍ର ବରିହା, ସମ୍ବାଦ ଲୋଇସିଂହା ର ପ୍ରତିନିଧି ବିମଳେନ୍ଦୁ ସାହୁ ମୁଖ୍ୟ ବକ୍ତା ରୂପରେ ଯୋଗ ଦେଇଥିଲେ। ମହକ୍ ର ପ୍ରତିନିଧି ମହେଶ କର, ଗୀତ, ନାଚ୍, ବକ୍ତୃତା ତଥା ଫେନ୍ସି ଡ୍ରେସ୍ ଆଦି ଅନେକ ପ୍ରତିଯୋଗୀତା ହୋଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ନିଜ ର କର କମଳ ରେ ମଞ୍ଚାସିତ ଅତିଥି ସହିତ ପୁରାତନ ସ୍କୁଲ୍ ସମ୍ପାଦକ ଓ ଭଦ୍ର ବ୍ୟକ୍ତି ଗଣ। ପୂର୍ବରୁ ହୋଇଥିବା ବାର୍ଷିକ କ୍ରୀଡା ପ୍ରତିଯୋଗିତା ର କୃତି ପ୍ରତିଯୋଗୀ ମାନଙ୍କୁ ମଧ ଆଜି ଦିନରେ ପୁରସ୍କୃତ କରା ହୋଇଥିଲା। ଶିକ୍ଷକ ମାନଙ୍କ ଏହି କାର୍ଯ୍ୟକ୍ରମ କୁ ଅତିଥି ମାନେ ବହୁତ୍ ବହୁତ୍ ପ୍ରଶଂସା କରିଥଲେ। ବେଷ୍ଟ ଷ୍ଟୁଡେଣ୍ଟ୍ ର ପୁରସ୍କାର ଲାଭ କରିଥିଲେ ନବମ ଶ୍ରେଣୀ ର ସୁନିତା ସାହୁ ବେଷ୍ଟ ଉପସ୍ଥାନ ପୂର୍ଣ୍ଣିମା ସାହୁ। ଖେଳ ପ୍ରତିଯୋଗିତା ରେ ଚମ୍ପିଆନ ହୋଇଥିଲେ ଦୟାସାଗର ମେହେର ଓ ତୃପ୍ତି ବାଗ୍, କାର୍ଯକ୍ରମ କୁ ପରିଚାଳନା କରିଥଲେ ଶିକ୍ଷକ ଦିଲିପ୍ କୁମାର୍ ମିଶ୍ର ଓ ସୁରେଶ କୁମାର୍ ଦାସ,, ଶେଷରେ ଧନ୍ୟବାଦ୍ ଅର୍ପଣ କରୁଥିଲେ ଶିକ୍ଷକ ପ୍ରମୋଦ କୁମାର କଲେ।

# ଭୂବିଜ୍ଞାନ ମନ୍ତ୍ରଣାଳୟ ସଚିବଙ୍କ ସିଏସ୍ଆଇଆର୍ -ଆଇଏମ୍ଏମଟି ପରିଦର୍ଶନ

**ଭୁବନେଶ୍ୱର, ୮।୨ (ନି.ପ୍ର) :** ଭୁବନେଶ୍ୱରସ୍ଥିତ ସିଏସଆଇଆର-ଇନଷ୍ଟିଚ୍ୟୁଟ ଅଫ ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି (ସିଏସଆଇଆର-ଆଇଏମଏମଟି) ପକ୍ଷରୁ 'ଗଭୀର ସମୁଦ୍ର ଶଯ୍ୟାରୁ ଗୁରୁତ୍ୱପୂର୍ଣ୍ଣ ଖଣିଜ' ଶୀର୍ଷକ ଉପରେ ସିଏସଆଇଆର-ଆଇଏମଏମଟି 'ଇନଷ୍ଟିଚ୍ୟୁଟ୍ ଲେକ୍ଚର ଅଫ୍ ଏମିନେନ୍ସ' ଆୟୋଜିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ଭାରତର ବିକାଶ ଓ ସଂସାଧନ ସୁରକ୍ଷାରେ ପୃଥିବୀ ଏବଂ ମହାସାଗର ବିଜ୍ଞାନର ରଣନୈତିକ ଭୂମିକା ଉପରେ ଆଲୋକପାତ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ଭୂବିଜ୍ଞାନ ମନ୍ତ୍ରାଳୟର ସଚିବ ଡ. ଏମ. ରବିଚନ୍ଦ୍ରନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ଭାରତ ସରକାରଙ୍କ ଭୂବିଜ୍ଞାନ ମନ୍ତ୍ରାଳୟ (ଏମଓଇଏସ) ବୈଜ୍ଞାନିକ-ଜି ଡ. ବିଜୟ କୁମାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।ସିଏସଆଇଆର-ଆଇଏମଏମଟିର ନିର୍ଦ୍ଦେଶକ ଡ. ଆର. ରାମାନୁଜ ନାରାୟଣ ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ବୈଜ୍ଞାନିକ ତଥା ବ୍ୟବସାୟ ବିକାଶ ମୁଖ୍ୟ ଡ. କାଳୀ ସଞ୍ଜୟ ଏହାକୁ ସଂଯୋଜନା କରିଥିଲେ।ଏହି କାର୍ଯ୍ୟକ୍ରମ ଅବସରରେ ଡକ୍ଟର ଏମ୍. ରବିଚନ୍ଦ୍ରନ 'ଭାରତର ଅଭିବୃଦ୍ଧି, ସମୃଦ୍ଧି ଏବଂ ନିରାପତ୍ତାରେ ଭୂବିଜ୍ଞାନର ଭୂମିକା' ଶୀର୍ଷକ ଉପରେ ଇନଷ୍ଟିଚ୍ୟୁଟ୍ ଲେକ୍ଚର ଅଫ୍ ଏମିନେନ୍ସ ପ୍ରଦାନ କରିଥିଲେ।ଏଥିସହ ସେ ଜାତୀୟ ପ୍ରାଥମିକତା, ସ୍ଥାୟୀ ବିକାଶ ଏବଂ ରଣନୈତିକ ନିଷ୍ପତ୍ତି ଗ୍ରହଣ କ୍ଷେତ୍ରରେ ଭୂ-ପ୍ରଣାଳୀ ବିଜ୍ଞାନ ପ୍ରଣାଳୀ ର ଗୁରୁତ୍ୱପୂର୍ଣ୍ଣ ଅବଦାନ ଉପରେ ଆଲୋକପାତ କରିଥିଲେ।ଡକ୍ଟର ବିଜୟ କୁମାର 'ଭାରତ ମହାସାଗରରେ ଭାରତର ସମୁଦ୍ରତଟ ଅନୁସନ୍ଧାନ କାର୍ଯ୍ୟକଳାପ' ବିଷୟରେ ଏକ ନିମନ୍ତ୍ରିତ ଭାଷଣ ଦେଇଥିଲେ, ଯେଉଁଥିରେ ସେ ଗଭୀର ସମୁଦ୍ର ଅନୁସନ୍ଧାନରେ ଭାରତର ପ୍ରଗତି, କ୍ଷମତା ଏବଂ ଭବିଷ୍ୟତର ରୋଡମ୍ୟାପ୍, ବିଶେଷକରି ଗୁରୁତ୍ୱପୂର୍ଣ୍ଣ ଖଣିଜ ସମ୍ପଦ ପରିପ୍ରେକ୍ଷୀରେ ରୂପରେଖ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି କ୍ୟାମ୍ପସରେ ଆବାସିକ ଏବଂ ଆଉଟରିଚ୍ ସୁବିଧାକୁ ମଜବୁତ କରିବା ପାଇଁ ଏକଜିକ୍ୟୁଟିଭ୍ ହଷ୍ଟେଲକୁ ଉଦଘାଟନ କରିଥିଲେ ଏବଂ ଗଭୀର ସମୁଦ୍ର ପଲିମେଟାଲିକ୍ ନୋଡ୍ୟୁଲ୍ସ (ଦ୍ୱିତୀୟ ପର୍ଯ୍ୟାୟ)ରୁ ଚାରିଟି ଧାତୁ ପୁନରୁଦ୍ଧାର ପାଇଁ ଟେକ୍ନୋଲୋଜି ପ୍ରଦର୍ଶନ କାରଖାନା ପାଇଁ ଭିତ୍ତିଭୂମି ଉନ୍ମୋଚନ କରିଥିଲେ, ଯାହା ଭାରତର ଗଭୀର ସମୁଦ୍ର ଖଣିଜ ପ୍ରକ୍ରିୟାକରଣ ଗବେଷଣା ଏବଂ ବିକାଶ କାର୍ଯ୍ୟକ୍ରମରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅଟେ। ଏହି କାର୍ଯ୍ୟକ୍ରମ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଉପରେ ସିଏସଆଇଆର-ଆଇଏମଏମଟି ସେଣ୍ଟର ଅଫ ଏକ୍ସଲେନ୍ସ (ସିଓଇ) ଅଧୀନରେ ଚାଲିଥିବା କାର୍ଯ୍ୟକଳାପ ସହିତ ଯୋଡ଼ି ହୋଇଛି ଯାହା ଗୁରୁତ୍ୱପୂର୍ଣ୍ଣ ଖଣିଜ ମୂଲ୍ୟ ଶୃଙ୍ଖଳାରେ ଗବେଷଣା ଏବଂ ପ୍ରଯୁକ୍ତିବିଦ୍ୟା ବିକାଶରେ ନିୟୋଜିତ । ଏହାବ୍ୟତୀତ ସିଏସଆଇଆର-ଆଇଏମଏମଟି ପରିସରରେ ଏକ ବୃକ୍ଷରୋପଣ ଅଭିଯାନ ଆୟୋଜନ କରାଯାଇଥିଲା, ଯାହା ପରିବେଶର ଦୀର୍ଘସ୍ଥାୟୀତ୍ୱ ଏବଂ ସବୁଜ ପଦକ୍ଷେପ ପ୍ରତି ପ୍ରତିଷ୍ଠାନର ପ୍ରତିବଦ୍ଧତାକୁ ଦର୍ଶାଉଛି । ଏହି କାର୍ଯ୍ୟକ୍ରମରେ ଭୂବିଜ୍ଞାନ, ମହାସାଗରଣ ବିଜ୍ଞାନ ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ସାମ୍ପ୍ରତିକ ବିକାଶ ଏବଂ ଭବିଷ୍ୟତ ରୂପରେଖ ଉପରେ ଦୃଷ୍ଟିକୋଣ ପ୍ରଦାନ କରାଯାଇଥିଲା ଏବଂ ଏଥିରେ ବୈଜ୍ଞାନିକ, ଗବେଷକ ଏବଂ ଗବେଷକମାନେ ଯୋଗ ଦେଇଥିଲେ ।



# ଓପୋ ପକ୍ଷରୁ ଓପୋ ରେନୋ୧୫ସିର ଶୁଭାରମ୍ଭ

**ଭୁବନେଶ୍ୱର, ୮।୨ (ନି.ପ୍ର) :** ଓପୋ ଇଣ୍ଡିଆ ପକ୍ଷରୁ ଓପୋ ରେନୋ୧୫ସି ସହିତ ଏହାର ରେନୋ୧୫ ସିରିଜର ବିସ୍ତାର କରାଯାଇଛି । ଉନ୍ନତ ଡିଜାଇନ, ଦୀର୍ଘସ୍ଥାୟୀ ସହନଶୀଳତା ଓ ଇଂଟେଲିଜେଂଟ ଏଆଇ ଫିଚରକୁ ଏକତ୍ରିତ କରି ରେନୋ୧୫ସି ଏକ ଅଧିକ ପହଂଚଯୋଗ୍ୟ ପ୍ୟାକେଜରେ ରେନୋ ସିରିଜର ମୂଳ ଶକ୍ତିକୁ ପ୍ରଦାନ କରିଛି। ଭାରତରେ କ୍ରୟ ପାଇଁ ଆସନ୍ତା ଫେବୃଆରୀ ୫ ତାରିଖ ୨୦୨୬ରୁ ଆଫ୍ଟରଗ୍ଲୋ ପିଙ୍କ ଓ ଟୁଇଲାଇଟ ବ୍ଲୁ କଲରରେ ଉପଲବ୍ଧ ହୋଇଯାଇଛି। ରେନୋ୧୫ସିରେ ୮୦ୱାଟ ସୁପରଭିଓସି ଫାଷ୍ଟ ଚାର୍ଜିଙ୍ଗ ସହିତ ଏକ ଶକ୍ତିଶାଳୀ ୭୦୦୦ ମେଗାଆମ୍ପିୟର ବ୍ୟାଟେରୀ ରହିଛି । ଯାହା ନିମଜ୍ଜିତ ଆମୋଲେଡ ଡିସପ୍ଲେ, ନିର୍ଭରଯୋଗ୍ୟ କାର୍ଯ୍ୟଦକ୍ଷତା ଓ ସ୍ଥାୟିତ୍ୱ ସହ ଜଡିତ। ଏଥିସହିତ ଏଥିରେ କଲରଓଏସ ୧୬ ରହିଛି ଯାହା ଏହାକୁ ସବୁବେଳେ ଯାତ୍ରା କରୁଥିବା ଉପଭୋକ୍ତାଙ୍କ ପାଇଁ ଏକ ଦୈନନ୍ଦିନ ସାଥୀରେ ପରିଣତ କରୁଛି। ରେନୋ୧୫ସି ଏକ ୫୦ଏମପି ଅଲଟ୍ରା କ୍ଲିୟର ମେନ କ୍ୟାମେରା, ୮ଏମପି ଅଲଟ୍ରା-ୱାଇଡ କ୍ୟାମେରା, ୨ଏମପି ମାକ୍ରୋ କ୍ୟାମେରା ଓ ୧୦୦° ଫିଲ୍ଡ ଅଫ୍ ଭ୍ୟୁ ସହିତ ୫୦ଏମପି ଅଲଟ୍ରା-ୱାଇଡ ସେଲଫି କ୍ୟାମେରା ସହ ସୁସଜ୍ଜିତ ରହିଛି । ଭିଡିଓ କ୍ରିଏଟରଙ୍କ ପାଇଁ ରେନୋ୧୫ସି ଫ୍ରଂଟ ଓ ମେନ କ୍ୟାମେରାରେ ୬୦ ପର୍ଯ୍ୟନ୍ତ ଏଫପିଏସରେ ୪କେ ଏଚଡିଏଆର ଭିଡିଓ ରେକର୍ଡିଙ୍ଗ କୁ ସପୋର୍ଟ କରିବା ସହିତ ଯାତ୍ରା ସମୟରେ ସୁଗମ ଫୁଟେଜ ପାଇଁ କୁ ଉନ୍ନତ କରିଥାଏ।




ଓପୋ ରେନୋ୧୫ ସିରିଜ ଉତ୍ସାହଜନକ ଅଫର ସହିତ ଆମାଜନ, ଫ୍ଲିପକାର୍ଟ, ମେନଲାଇନ ରିଟେଲ ଆଉଟଲେଟରେ ଉପଲବ୍ଧ ରହିଛି । ରେନୋ୧୫ସି, ୮ଜିବି+୨୫୬ଜିବି ପାଇଁ ୩୪୯୯୯ଟଙ୍କାରେ ଏବଂ ୧୨ଜିବି+୨୫୬ଜିବି ଭାରିଆଂଟ ପାଇଁ ୩୭,୯୯୯ରେ ଉପଲବ୍ଧ ହେଉଛି । ଏହାବ୍ୟତୀତ ଅନ୍ୟାନ୍ୟ ଅଫରରେ ନିର୍ଦ୍ଦିଷ୍ଟ ବ୍ୟାଙ୍କ ପାର୍ଟନର ସହ କ୍ରେଡିଟ କାର୍ଡ ଏବଂ ୟୁପିଆଇ ଟ୍ରାନ୍ସକ୍ସନ ଉପରେ ୧୦% ପର୍ଯ୍ୟନ୍ତ ତତ୍କାଳ କ୍ୟାଶବ୍ୟାକ, ୬ ମାସ ପର୍ଯ୍ୟନ୍ତ ନୋ-କଷ୍ଟ୍ ଇଏମଆଇ, ନିର୍ଦ୍ଦିଷ୍ଟ ଋଣଦାତାଙ୍କଠାରୁ ୧୨ ମାସ ପର୍ଯ୍ୟନ୍ତ ଅବଧି ପାଇଁ ଜିରୋ ଡାଉନ ପେମେଂଟ ସ୍କିମ, ଅଗ୍ରଣୀ ଟ୍ରେଡ-ଇନ ପାର୍ଟନରଙ୍କ ସହିତ ୩୦୦୦ ଟଙ୍କାର ଏକ୍ସଚେ ବୋନସ ଏବଂ କମ୍ ମୂଲ୍ୟରେ ୧୮୦ ଦିନର ସ୍କ୍ରିନ ଡ୍ୟାମେଜ ରିପ୍ଲେସମେଂଟ ଭଳି ସୁବିଧା ରହିଛି ।

୮.୧୪ ଏମଏମ ପତଳା ଓ ୧୯୫ଗ୍ରାମ ଓଜନର ରେନୋ୧୫ସିରେ ନାରୋ ୧.୬୭ଏମଏମ ବେଜେଲ, ଏଫଏଚଡି+ ରିଜୋଲ୍ୟୁଶନ, ୧୦ ବିଟ କଲର ଓ ଏକ ୯୨.୮% ସ୍କ୍ରିନ-ଟୁ-ବଡି ରେସିଓ ସହିତ ଏକ ୬.୫୭-ଇଂଚ ଫ୍ଲାଟ ଏମୋଲଡ ଡିସପ୍ଲେ ରହିଛି। ଏହା ଆଇପି୬୬,ଆଇପି୬୮ ଓ ଆଇପି୬୯ ରେଟିଙ୍ଗ ସହିତ ଆସୁଛି । । ରେନୋ୧୫ସିରେ ଭିଡିଓ ଏଡିଟିଙ୍ଗ ୩.୦ ଟ୍ରିମିଂ ସହ ତତ୍କାଳ ଅନ୍-ଡିଭାଇସ ଏଡିଟିଂ, ସ୍ପିଡ କଂଟ୍ରୋଲ, ଟ୍ରାଂଶନ, ବିଟ୍-ସିଙ୍କ୍ଡ ଏଡିଟ ଏବଂ ହାଇ ଫ୍ରେମରେଟ ଏଚଡିଆର ଭିଡିଓ ଓ ମୋଶନ ଫଟୋ ସପୋର୍ଟ ସମେତ ହାଇକ୍ୱାଲିଟି ଏକ୍ସପୋର୍ଟକୁ ସକ୍ଷମ କରିଥାଏ।

# ସାମସଙ୍ଗ ଇଣ୍ଡିଆ ଗାଲାକ୍ସି ଇ-୦୭ ୫ଏ ଲଞ୍ଚ କରିଛି

**ଗୁରୁଗ୍ରାମ, ୮।୨ (ନି.ପ୍ର):** ଭାରତର ଅଗ୍ରଣୀ ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ ସାମସଙ୍ଗ ଆଜି ସାମସଙ୍ଗ ଗାଲାକ୍ସି ଇ୦୭ ୫ଏ ଲଞ୍ଚ କରିଛି। ସ୍ମାର୍ଟଫୋନ୍ ଏକ ୫୦ଗଚ ମୁଖ୍ୟ କ୍ୟାମେରା, ୬୦୦୦mAh ବ୍ୟାଟେରୀ ପ୍ୟାକ୍ କରେ ଏବଂ ଅନଲାଇନ୍ ମନୋରଞ୍ଜନ, ବିଷୟବସ୍ତୁ କ୍ୟାପଚ୍ରର ଏବଂ ଦିନସାରା ନିରବଚ୍ଛିନ୍ନ ବ୍ୟବହାର ପାଇଁ ଇଞ୍ଜିନିୟରିଂ। ମାନସିକ ଶାନ୍ତି ପାଇଁ ଏହା ଶିଳ୍ପ-ଗ୍ରେଡ୍ ଡାଟା ସୁରକ୍ଷା ପାଇଁ ଏକ ମାନଦଣ୍ଡ ସ୍ଥିର କରେ। 'ସାମସଙ୍ଗରେ, ଆମେ ଆମର ଯୁବ ଗ୍ରାହକଙ୍କ ଆବଶ୍ୟକତାକୁ ବୁ under-stand ପାରୁ, ଯେଉଁମାନେ ଅଧିକ ଆକାଂକ୍ଷୀ ଅଟନ୍ତି - ଆଜି ଜେଏନ୍‌ଜେ ଅଧିକ ସାମାଜିକ ବିଷୟବସ୍ତୁ ସୃଷ୍ଟି କରୁଛି, ସେମାନେ ମୋବାଇଲ୍ ଗେମିଂରେ ଅଧିକ ଅଛନ୍ତି ଏବଂ ସେମାନେ ପୂର୍ବ ଅପେକ୍ଷା ଅନଲାଇନ୍ ବିଷୟବସ୍ତୁ ଖାଉଛନ୍ତି। ବ୍ୟାଟେରୀ ଏବଂ ଏକ ଚମତ୍କାର ୧୨୦ଐଚ୍ଛ ପ୍ରଦର୍ଶନ ଆମେ ଭାରତୀୟ ଯୁବକମାନଙ୍କ ପାଇଁ ପ୍ରସ୍ତୁତ ଏହି ସମ୍ପୂର୍ଣ୍ଣ ପ୍ୟାକେଜ୍ ଉପସ୍ଥାପନ କରି ଅତ୍ୟନ୍ତ ଆନନ୍ଦିତ,' ସାମସଙ୍ଗ ଇଣ୍ଡିଆର ଉପରାଷ୍ଟ୍ରପତି ଆଦିତ୍ୟ ବାବର କହିଛନ୍ତି। ଗାଲାକ୍ସି ଇ୦୭ ୫ଏ ତିନୋଟି ରଙ୍ଗରେ ଉପଲବ୍ଧ: ହାଲୁକା ବାଇଗଣୀ, ହାଲୁକା ସବୁଜ ଏବଂ କଳା ଫ। ଏହାର ଓଜନ ୧୯୯ଶ, ୮.୨mm ପତଳା ଏବଂ ଏହା ଏକ ସୁନ୍ଦର କି ଦ୍ୱୀପ ୨.୦ ଫ୍ଲାଟ ସାଇଡ୍




ଫ୍ରେମ୍ ସହିତ ଆସିଥାଏ ଯାହା ଏକ ଉନ୍ନତ ଗ୍ରିପ୍ ପ୍ରଦାନ କରିଥାଏ। ସ୍ମାର୍ଟଫୋନ୍ ୧୨୦ଐଚ୍ଛ ରିଫ୍ରେସ୍ ରେଟ୍ ସହିତ ୬.୭- ପ୍ରଦର୍ଶନ ପ୍ରଦର୍ଶନ କରେ ଯାହା ଭିଡିଓ ଏବଂ ୱେବ୍ ବ୍ରାଉଜିଙ୍ଗ୍ ପାଇଁ ସୁଗମ ପରିବର୍ତ୍ତନ ଏବଂ ସ୍କ୍ରୋଲ୍ ସୁନିଶ୍ଚିତ କରେ ଝ ସ୍କ୍ରିନ୍ ର ଉଚ୍ଚ-ଉଜ୍ଜ୍ୱଳତା ମୋଡ୍ (HBM) ସୂର୍ଯ୍ୟ କିରଣରେ ମଧ ଯୋଗ୍ୟତା ପ୍ରଦାନ କରିବାକୁ ୮୦୦ ନଟ୍ ରେ ପହଞ୍ଚେ। ଏହା ଗ୍ରାହକଙ୍କୁ ଫ୍ଲାଇରେ ଫଟୋ କ୍ୟାପଚ୍ରର, ଏଡିଟିଂ ଏବଂ ସେୟାର କରିବାକୁ ଉପଭୋଗ କରିବାକୁ ଅନୁମତି ଦିଏ। ଅତିରିକ୍ତ ସ୍ଥାୟୀତ୍ୱ ପାଇଁ, ଗାଲାକ୍ସି ଇ୦୭ ୫ଏ ର ପ୍ରଦର୍ଶନ ୨-ଷ୍ଟେପ୍ ଟେମ୍ପର୍ଡ ଗ୍ଲାସ୍ ଦ୍ୱାରା ସୁରକ୍ଷିତ ଏବଂ ଧୂଳି ଏବଂ ଜଳ ପ୍ରବେଶ ପାଇଁ ଏକ ଓଚ୫୪ ପ୍ରମାଣପତ୍ର ବହନ କରେ। ଡିଭାଇସର ପଛପଟକୁ ଏକ ନୂତନ ଗ୍ଲାସ୍ ଫାଇବର ରିଫୋର୍ସଡ୍ ପଲିମର (ଏରଜଚ) କୁ ଉନ୍ନତ କରାଯାଇଛି, ଏକ ପଦାର୍ଥ ଯାହା ପତଳା କିନ୍ତୁ ପୂର୍ବ ପି ଶରଭ-ରକ୍ସବସ୍ପସକ୍ଟର୍ଭି ତୁଳନାରେ ଅଧିକ ଶକ୍ତି ଥାଏ । ଏହା ସହିତ, ଏହି ସ୍ମାର୍ଟଫୋନର ପଛ ଭାଗରେ ଏକ ଆଇକନିକ୍ ଟ୍ରାକ୍ କ୍ୟାମେରା ଡେକୋ ସହିତ ହାଇ-ରିଜ୍ ଡୁଆଲ୍-କ୍ୟାମେରା ସେଟଅପ୍ ରହିଛି ଯାହା ଉଚ୍ଚମାନର ଚିତ୍ର ପାଇଁ ୫୦ଗଚ ଅଟୋଫୋକସ୍ ଚଉଡା କ୍ୟାମେରା ଏବଂ ଗଭୀରତା ଧାରଣା ପାଇଁ ୨ଗଚ କ୍ୟାମେରା ଧାରଣ କରିଥାଏ।

## ଟ୍ରାଇ ପରୀକ୍ଷଣରେ ବ୍ରହ୍ମପୁରରେ ଜିଓର ସର୍ବାଧିକ ୩୩୩.୪୭ ଏମବିପିଏସ ୫ଜି ଡାଉନଲୋଡ୍ ସ୍ପିଡ୍ ହାସଲ

**ବ୍ରହ୍ମପୁର / ଭୁବନେଶ୍ୱର, ୮।୨ (ନି.ପ୍ର) :** ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ସ୍ୱାଧୀନ ଡ୍ରାଇଭ୍ ପରୀକ୍ଷଣ (ଆଇଡ଼ିଟି) ଫଳାଫଳରେ, ଓଡ଼ିଶାର ଅଗ୍ରଣୀ ଡିଜିଟାଲ୍ ସେବା ପ୍ରଦାନକାରୀ ରିଲାଏନ୍ସ ଜିଓ ବ୍ରହ୍ମପୁର ସହରର ବ୍ୟସ୍ତବହୁଳ ହଟସ୍ପଟଗୁଡ଼ିକରେ ସର୍ବାଧିକ ୩୩୩.୪୭ ଏମବିପିଏସ ୫ଜି ଡାଉନଲୋଡ୍ ସ୍ପିଡ୍ ହାସଲ ସହିତ ଏହାର ୫ଜି ନେଟୱାର୍କ ଉତ୍କର୍ଷତା ପ୍ରମାଣିତ କରିଛି। ଜିଓର ନେଟୱାର୍କ ଶ୍ରେଷ୍ଠତାର ପ୍ରମାଣ ସ୍ୱରୂପ ଏହାର ୫ଜି ଡାଉନଲୋଡ୍ ସ୍ପିଡ୍ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଅପରେଟର ତୁଳନାରେ ଦୁଇଗୁଣରୁ ଅଧିକ ରହିଥିବା, ଟ୍ରାଇ ପକ୍ଷରୁ ପ୍ରକାଶ କରାଯାଇଛି। ଟ୍ରାଇ ପକ୍ଷରୁ ବ୍ରହ୍ମପୁର ସହରର ୮ଟି ବ୍ୟସ୍ତବହୁଳ ହଟସ୍ପଟ୍‌ରେ ବାସ୍ତବ ନେଟୱାର୍କ ସ୍ଥିତିର ମୂଲ୍ୟାଙ୍କନ କରାଯାଇଥିଲା, ଯାହା ମଧ୍ୟରେ ବ୍ରହ୍ମପୁର ନୂଆ ବସ୍ ଷ୍ଟାଣ୍ଡ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସରକାରୀ ବିଜ୍ଞାନ କଲେଜ ଛତ୍ରପୁର, ଏମକେସିଜି ମେଡିକାଲ କଲେଜ ପରିସର, ମ୍ୟୁନିସିପାଲ୍ କର୍ପୋରେସନ୍ ଅଫିସ୍ ବ୍ରହ୍ମପୁର, ରକ୍ ଗାର୍ଡେନ୍ ବ୍ରହ୍ମପୁର, ଆରଟିଓ ଅଫିସ୍ ଛତ୍ରପୁର ଏବଂ ବ୍ରହ୍ମପୁର ସହରର ମା' ବୁଢ଼ୀ ଠାକୁରାଣୀଙ୍କ ମନ୍ଦିର ଅନ୍ତର୍ଭୁକ୍ତ ରହିଥିଲା। ଏହି ପରୀକ୍ଷଣରେ, ଜିଓ ସର୍ବାଧିକ ୩୩୩.୪୭ ଏମବିପିଏସ ୫ଜି ଡାଉନଲୋଡ୍ ସ୍ପିଡ୍ ସହିତ ଆଗରେ ରହିଥିବା ବେଳେ ଏହା ପଛକୁ ଏୟାରଟେଲ ୧୪୮.୦୯ ଏମବିପିଏସ ସହିତ ଦ୍ୱିତୀୟ ସ୍ଥାନରେ ରହିଛି।

ଟ୍ରାଇର ନିୟମିତ ସେବା ଗୁଣବତ୍ତା (କ୍ୟୁଓଏସ) ମୂଲ୍ୟାଙ୍କନର ଏକ ଅଂଶ ଭାବରେ ୨୦୨୫ ଡିସେମ୍ବର ୧୬ ରୁ ୧୮ ତାରିଖ ମଧ୍ୟରେ, ବ୍ରହ୍ମପୁର ସହର ଏବଂ ନିକଟସ୍ଥ ଅଞ୍ଚଳଗୁଡ଼ିକରେ ୩୬୦ କିଲୋମିଟର ବ୍ରହ୍ମପୁର ସହର ଡ୍ରାଇଭ୍ ପରୀକ୍ଷା, ୪.୧ କିଲୋମିଟର ଚାଲିବା ପରୀକ୍ଷା ଏବଂ ୮ଟି ହଟସ୍ପଟ୍ ସ୍ଥାନରେ ନେଟୱାର୍କ ଗୁଣବତ୍ତା ପରୀକ୍ଷଣ କରାଯାଇଥିଲା।

## ତାପସ ମହାନ୍ତି ଜିଲ୍ଲା ସାଧାରଣ ସମ୍ପାଦକ ଓ ସୁବୋଧ ବେହେରା ଜିଲ୍ଲା କୋଷାଧ୍ୟକ୍ଷ ମନୋନୀତ

**କଟକ, ୮।୨ (ନି.ପ୍ର) :** ବରିଷ୍ଠ ବିଜେଡି ନେତା ତାପସ ମହାନ୍ତିଙ୍କୁ କଟକ ଜିଲ୍ଲାର ସାଧାରଣ ସମ୍ପାଦକ ପଦବୀ ପାଇଁ ଦଳର ସଭାପତି ନବୀନ ପଟ୍ଟନାୟକ ମୋହର ମାରିଛନ୍ତି। ଶ୍ରୀ ମହାନ୍ତି ଦୀର୍ଘ ୧୪ବର୍ଷ ଧରି କଟକ ମହାନଗରର ସାଧାରଣ ସମ୍ପାଦକ ପଦରେ ରହି ନିଜର ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇ ଆସିଛନ୍ତି। ଏଥିସହିତ ଚୌଦ୍ୱାର କଟକ ବିଜେଡିର ମଙ୍ଗୁଆଳ ଡ଼ଃ ପ୍ରଭାତ ରନ ବିଶ୍ୱାଳଙ୍କ ନିର୍ବାଚନରେ ସେ ପ୍ରମୁଖ ଭୂମିକା ନିଭାଉଥିଲେ। ଏହି ଅବସରରେ ଦଳର ସଭାପତି ନବୀନ ପଟ୍ଟନାୟକ, ରାଜନୈତିକ ପରାମର୍ଶଦାତା ଡ଼ଃ ସନ୍ତୃପ୍ତ ମିଶ୍ର, ପୂର୍ବତନ ବିଧାୟକ ଡ଼ଃ ପ୍ରଭାତ ବିଶ୍ୱାଳ, ବିଧାୟକ ସୌଭିକ ବିଶ୍ୱାଳ ଏବଂ ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହଙ୍କ ସମେତ ସମସ୍ତ ନେତୃମଣ୍ଡଳୀଙ୍କୁ କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ ଦଳକୁ ସଫଳତାର ଶୀର୍ଷରେ ପହଂଚାଇବା ହିଁ ମୋର ପ୍ରଥମ ପ୍ରାଥମିକତା ରହିବ ବୋଲି ନବନିଯୁକ୍ତ ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀ ମହାନ୍ତି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ସେହିପରି ବରିଷ୍ଠ ବିଜେଡି ନେତା ସୁବୋଧ ବେହେରାଙ୍କୁ କଟକ ଜିଲ୍ଲାର କୋଷାଧ୍ୟକ୍ଷ ପଦବୀ ପାଇଁ ଦଳର ସଭାପତି ନବୀନ ପଟ୍ଟନାୟକ ମୋହର ମାରିଛନ୍ତି। ଶ୍ରୀ ବେହେରା କଟକ ସଦର ବିକାଶ ମଂଚର ସଭାପତି ଭାବେ ନିଜର ଦାୟିତ୍ୱ ତୁଲାଇବା ସହ ଦୀର୍ଘଦିନ ଧରି ଦଳର ବିଭିନ୍ନ ପଦପଦବୀରେ ରହି ଜଣେ ଦକ୍ଷ ଓ ଶୃଙ୍ଖଳିତ କର୍ମୀ ଭାବେ ନିଜର କାର୍ଯ୍ୟକୁ ବେଶ ଦାୟିତ୍ୱର ସହ ସମ୍ପାଦନା କରିଆସିଛନ୍ତି । ଏହି ଅବସରରେ ଦଳର ସଭାପତି ନବୀନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହଙ୍କ ସମେତ ସମସ୍ତ ନେତୃମଣ୍ଡଳୀଙ୍କୁ କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ ଦଳକୁ ସଫଳତାର ଶୀର୍ଷରେ ପହଂଚାଇବା ହିଁ ମୋର ପ୍ରଥମ ପ୍ରାଥମିକତା ରହିବ ବୋଲି ନବନିଯୁକ୍ତ ଜିଲ୍ଲା କୋଷାଧ୍ୟକ୍ଷ ଶ୍ରୀ ବେହେରା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।



# ରାଜ୍ୟ ଅବକାରୀ କ୍ରୀଡା ସମାରୋହ ଉଦଘାଟିତ

**କଟକ,୮।୨ (ନି.ପ୍ର):** ରାଜ୍ୟ ସରକାର ବେଆଇନ ନିଶା ଓ ମାଦକ ଦ୍ରବ୍ୟ କାରବାରକୁ ରୋକିବା ଦିଗରେ ଦୃଢ ସଂକଳ୍ପ ବଦ୍ଧ ଅଛନ୍ତି ଓ ଏଥିନେଇ ଅବକାରୀ ବିଭାଗ ପକ୍ଷରୁ 'ନିଶା ନୁହେଁ ଜୀବନ' ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଅବକାରୀ ବିଭାଗର ଦକ୍ଷ ଅଧିକାରୀଙ୍କ ଦ୍ୱାରା ନିୟମିତ ଚଢ଼ାଉ ଫଳରେ ବହୁ ବେଆଇନ ନିଶା ଓ ମାଦକ ଦ୍ରବ୍ୟ କାରବାର ଅଞ୍ଚଳକୁ ଧ୍ୱଂସ କରାଯିବା ସହ ସମ୍ପୃକ୍ତ ବ୍ୟକ୍ତି ବିଶେଷ ଗିରଫ ହୋଇଛନ୍ତି। ଆଗାମୀ ଦିନରେ ଏହି ଧରଣର ଚଢ଼ାଉ ପ୍ରକ୍ରିୟାକୁ ଜୋରଦାର କରାଯିବା ସହ ବିଭାଗରେ ଅନେକ ସଂସ୍କାର ଆସିବାକୁ ଯାଉଛି। ଏଥିଲାଗି ସବୁ ଅଧିକାରୀ ଓ କର୍ମଚାରୀଙ୍କୁ ଯୁଗପଯୋଗୀ ହେବାକୁ ପଡିବ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି ଓ ଆଜି କଟକ ସ୍ଥିତ ସତ୍ୟବ୍ରତ ଷ୍ଟାଡିୟମ ଠାରେ ଅବକାରୀ ବିଭାଗର ୫୧ ତମ ବାର୍ଷିକ କ୍ରୀଡା ଉତ୍ସବକୁ ଉଦଘାଟନ କରି କହିଲେଯେ କାର୍ଯ୍ୟକ୍ଷେତ୍ରରେ ସଫଳ ହେବାକୁ ହେଲେ ନିଷ୍ଠାବାନ ହେବା ସହ ଉଭୟ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରହିବାକୁ ପଡିବ। ଆଜି ଉଦଘାଟିତ ଏହି କ୍ରୀଡା ଉତ୍ସବ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ଖେଳୁଆଡ଼ ଭାବନା ସୃଷ୍ଟି କରିବା ସହ ଭବିଷ୍ୟତରେ ସେମାନଙ୍କୁ ଅଧିକ ଦକ୍ଷ କରି ଗଢ଼ିତୋଳିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ ଓ ସମ୍ମାନିତ ଅତିଥି ଭାବେ ଅବକାରୀ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଭାସ୍କରଜ୍ୟୋତି ଶର୍ମା, ଅବକାରୀ ଆୟୁକ୍ତ ଶ୍ରୀମତୀ ପି. ଅନ୍‌ୱେଷା ରେଡ୍ଡି, ପୂର୍ବତନ ଅଲିମ୍ପିକ କ୍ରୀଡ଼ାବିତ ଡ଼. ଅନୁରାଧା ବିଶ୍ୱାଳ ଏବଂ କଳାକାର ତଥା ସମାଜସେବୀ ଶ୍ରୀମତୀ ପିଙ୍କି ପ୍ରଧାନ ଉପସ୍ଥିତ ରହି ଉଦ୍ଘାଟନୀ କାର୍ଯ୍ୟକ୍ରମର ଶୋଭାବର୍ଦ୍ଧନ କରିଥିଲେ। ଉତ୍ସବରେ ଅବକାରୀ ବିଭାଗ, ଅବକାରୀ ନିର୍ଦ୍ଦେଶାଳୟ ଓ OSBC ର ଅଧିକାରୀ ଓ କର୍ମଚାରୀବୃନ୍ଦ ମଧ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଉଦଘାଟନୀ କାର୍ଯ୍ୟକ୍ରମର ଏକ ଆକର୍ଷଣୀୟ ଅଂଶ ଭାବେ ଶ୍ରୀ ଧନେଶ୍ୱର ବରାଦ, ଓଏଁରେ ଙ୍କ ତତ୍ତ୍ୱାବଧାନରେ ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କ ଦ୍ୱାରା ଏକ ସୁସଂଗଠିତ ପରେଡ଼ ଆୟୋଜିତ ହୋଇଥିଲା।




ଏହାପରେ ମୁଖ୍ୟ ଅତିଥି ତଥା ମାନ୍ୟବର ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଅବକାରୀ ବିଭାଗର ସଫଳତା ସମ୍ବଳିତ ଏକ ପୁସ୍ତିକା ଏବଂ ନିଶାଦ୍ରବ୍ୟ ଦ୍ରବ୍ୟ ବିରୁଦ୍ଧରେ ଜନସଚେତନତା ବୃଦ୍ଧି ନିମନ୍ତେ ପ୍ରସ୍ତୁତ ଓଉଡ ଭିଡିଓ କୁ ଉନ୍ମୋଚନ କରିଥିଲେ। ସେହିପରି ଅବକାରୀ ବିଭାଗର କ୍ଷେତ୍ର ସ୍ତରର କାର୍ଯ୍ୟଦକ୍ଷତା ଓ ପ୍ରଯୁକ୍ତିମୂଳକ ସୁଦୃଢ଼ତାକୁ ଆହୁରି ସଶକ୍ତ କରିବା ଉଦ୍ଦେଶ୍ୟରେ ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧା ଏବଂ ଭୁବନେଶ୍ୱର ଅବକାରୀ ଜିଲ୍ଲାର ଅଧିକାରୀମାନଙ୍କୁ ୪୮ ଗୋଟି ବଡି କ୍ୟାମେରା ବଣ୍ଟନ କରିଥିଲେ। ଆଗାମୀ ଦିନରେ ସମସ୍ତ ଜିଲ୍ଲାର ଅଧିକାରୀମାନଙ୍କୁ ଉକ୍ତ କ୍ୟାମେରା ପ୍ରଦାନ କରାଯିବାର ଯୋଜନା ରହିଛି। ଏହା ସହିତ ଧରପକଡ କାର୍ଯ୍ୟକଳାପରେ ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରିଥିବା ବାଲେଶ୍ୱର, ମୟୁରଭଞ୍ଜ, ଭୁବନେଶ୍ୱର, ଭଦ୍ରକ, ଗଞ୍ଜାମ, ପୁରୀ ଜିଲ୍ଲାମାନଙ୍କୁ ଏବଂ EI & EB Unit (ND) ସମ୍ବଲପୁରକୁ ମାନ୍ୟବର ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ ।

ଦୁଇଦିନ ଧରି ଚାଲିବାକୁ ଥିବା ଏହି କ୍ରୀଡା ଉତ୍ସବରେ ଓଡିଶାର ସମସ୍ତ ୩୩ଟି ଅବକାରୀ ଜିଲ୍ଲା ଓ ୪ଟି ରଓ ୫ ରଈ ୟୁନିଟରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରୁଛନ୍ତି। ଏହି ପ୍ରତିଯୋଗିତାରେ ସର୍ବମୋଟ ୧୬ଟି ବିଭାଗରେ ୮୦୯ ଜଣ ପୁରୁଷ ପ୍ରତିଯୋଗୀ ଏବଂ ୧୧ଟି ବିଭାଗରେ ୧୮୧ ଜଣ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗିତାରେ ଗୁଡ଼ିକ ମଧ୍ୟରେ ମୁଖ୍ୟତଃ ୧୦୦ ମି ଦୌଡ଼, ୨୦୦ ମି ଦୌଡ଼, ୪୦୦ମି ଦୌଡ଼, ୮୦୦ ମି ଦୌଡ଼, ୧୫୦୦ ମି ଦୌଡ଼, ୩୦୦୦ ମି ଦୌଡ଼, ଲମ୍ବା ଡିଆଁ, ଉଚ୍ଚ ଡିଆଁ, ଟ୍ରିପଲ ଜମ୍ପ, ଶଟ ପୁଟ ଥ୍ରୋ, ଡିସ୍କସ ଥ୍ରୋ, ଜାଭେଲିନ ଥ୍ରୋ, ଭୋଲି ବଲ୍, ବ୍ୟାଡମିଣ୍ଟନ ଇତ୍ୟାଦି ଅନ୍ତର୍ଭୁକ୍ତ ରହିଛି । ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ପୁରସ୍କୃତ କରାଯାଇଥିଲା । ଉଦଘାଟନୀ ଦିବସରେ ଅବକାରୀ ବିଭାଗର କର୍ମଚାରୀମାନଙ୍କ ଦ୍ୱାରା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ପ୍ରଦର୍ଶିତ ହୋଇଥିଲା। କ୍ରୀଡା ଉତ୍ସବଟି ଆସନ୍ତାକାଲି ତା ୦୮. ୦୨. ୨୦୨୬ ରିଖ ଅପରାହ୍ନ ତିନି ଘଟିକା ସମୟରେ ଉଦଯାପନ ହେବାର କାର୍ଯ୍ୟକ୍ରମ ରହିଅଛି ।



# ଯୁବତୀଙ୍କୁ ବଳାତ୍କାର କରି କନଷ୍ଟେବଲ ଗିରଫ

**କେନ୍ଦ୍ରାପଡ଼ା,୮।୨ (ନି.ପ୍ର) :** ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର କରିବା ଅଭିଯୋଗରେ ଜଣେ ପୋଲିସ କନଷ୍ଟେବଲଙ୍କୁ ଗିରଫ କରିଛି ପୋଲିସ। ପୋଲିସ କନଷ୍ଟେବଲ ଜଣକ ହେଉଛନ୍ତି ତନ୍ତିଆପାଳ ଥାନାରେ କାର୍ଯ୍ୟରତ ସ୍ମୃତିରଞ୍ଜନ ଖୁଣ୍ଟିଆ ଓରଫ ଲିଟୁ। ଯୁବତୀ ଜଣକ ଅଭିଯୋଗରେ ଦର୍ଶାଇଛନ୍ତି ଯେ ସେ ଟାଉନ୍ ଥାନା ଅଞ୍ଚଳରେ ରହୁଛନ୍ତି। କନଷ୍ଟେବଲଙ୍କ ସହ ସୋସିଆଲ ମିଡିଆରୁ ତାଙ୍କର ସଂପର୍କ ସୃଷ୍ଟି ହୋଇଥିଲା। ଏହାପରେ ଏହି ସଂପର୍କ ପ୍ରେମ ସମ୍ପର୍କରେ ପରିଣତ ହୋଇଥିଲା। କନଷ୍ଟେବଲ ଅବିବାହିତ ଥିବା ଯୁବତୀଙ୍କୁ କହି ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏହାପରେ ଯୁବତୀ ଜଣକ ତାଙ୍କୁ ବିବାହ କରିବା ପାଇଁ କହିବାରୁ ସେ ଦିନ ପରେ ଦିନ ଗଡାଇ ଚାଲିଥିଲେ। ପରେ ଯୁବତୀ ଜଣକ ଜାଣିବାକୁ ପାଇଥିଲେ କନଷ୍ଟେବଲ ଜଣକ ବିବାହିତ। ତେଣୁ ସେ ତାଙ୍କ ଠାରୁ ଦୂରେଇ ଯାଇଥିଲେ। ହେଲେ ଗତ କିଛି ଦିନ ତଳେ ଯୁବତୀ ଜଣକ ଟାଉନ୍ ଥାନା ଅଧିନରେ ତାଙ୍କ ଘରେ ଥିବା ବେଳେ କନଷ୍ଟେବଲ ଜଣକ ତାଙ୍କର ଜଣେ ସାଙ୍ଗ ସହ ଯୁବତୀଙ୍କ ଘରକୁ ଆସି ବଳାତ୍କାର କରିଥିଲେ। ଏ ନେଇ ଯୁବତୀ ଜଣକ ଟାଉନ୍ ଥାନାରେ ଅଭିଯୋଗ କରିବା ପରେ ସେହି ଅଭିଯୋଗକୁ ଭିତ୍ତିକରି ଟାଉନଥାନା ପୋଲିସ ଥାନା କେଶ ନମ୍ବର-୨୨/୨୦୨୬ରେ ବିଏନଏସର ଧାରା ୬୯,୩୫୧(୩), ୧୧୫(୨), ୩୦୩(୨), ୩୨୪(୪),୨୯୬,୨୬(୨) ଓ ୩(୫) ଧାରାରେ ଏକ ବଳାତ୍କାର ମାମଲା ରୁଜୁ କରି କନଷ୍ଟେବଲଙ୍କୁ ଗିରଫ କରି ଆଜି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ କନଷ୍ଟେବଲଙ୍କୁ ହାଜତକୁ ପଠାଇ ଦିଆଯାଇଛି। ଏ ସଂକ୍ରାନ୍ତରେ ଟାଉନ୍ ଥାନା ଅଧିକାରୀ ଦିଲ୍ଲୀପ କୁମାର ସାହୁଙ୍କୁ ପଚାରିବାରୁ ସେ କହିଲେ ଯୁବତୀଙ୍କ ଅଭିଯୋଗର ସତ୍ୟତା ଥିବାରୁ କନଷ୍ଟେବଲଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

## ୫୩ନଂ ଜାତୀୟ ରାଜପଥରେ ଦ୍ୱିତୀୟ ଓଭରବ୍ରିଜ ନିର୍ମାଣ ଦାବି

# ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ ବୁଦ୍ଧିଜୀବୀ

**କେନ୍ଦ୍ରାପଡ଼ା,୮।୨ (ନି.ପ୍ର) :** ପାରାଦୀପ- ଚଣ୍ଡିଖୋଲ ୫୩ନମ୍ବର ଜାତୀୟ ରାଜପଥର ଦୁହୁରିଆ ଠାରେ ଦ୍ୱିତୀୟ ଓଭରବ୍ରିଜ ନିର୍ମାଣ ପାଇଁ କେନ୍ଦ୍ରପଡାର ବିଭିନ୍ନ ସମାଜକଲ୍ୟାଣ ସଂଗଠନ ପକ୍ଷରୁ ଦାବି କରାଯାଇ ପ୍ରଧାନମନ୍ତ୍ରୀଙ୍କ ଉଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସେହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ଦୁହୁରିଆ ଛକ କେନ୍ଦ୍ରାପଡାର ପ୍ରବେଶ ଦ୍ୱାର ହୋଇଥିବା ବେଳେ ଏହାର ପୂର୍ବରେ ଭଦ୍ରକ ଜିଲ୍ଲା, ପଶ୍ଚିମରେ କଟକ ଜିଲ୍ଲା, ଉତ୍ତରରେ ଯାଜପୁର ଜିଲ୍ଲା ଓ ଦକ୍ଷିଣରେ ଜଗତସିଂହପୁର ଜିଲ୍ଲାକୁ ସଂଯୋଗ କରୁଅଛି। ୫୩ନମ୍ବର ଜାତୀୟ ରାଜପଥଟି ଦୁହୁରିଆ ଛକରେ କଟକ-ଚାନ୍ଦବାଲି ରାଜ୍ୟ ରାଜପଥକୁ ଅତିକ୍ରମ କରୁଅଛି। ଏହି ଛକ ଦେଇ ଯାଇଥିବା ରାସ୍ତାଟି ଭଦ୍ରକ ଜିଲ୍ଲାର ଧାମରା ବନ୍ଦର ସମେତ କେନ୍ଦ୍ରାପଡା ଜିଲ୍ଲାର ପର୍ଯ୍ୟଟନସ୍ଥଳୀ ଭିତରକନିକା ଜାତୀୟ ଉଦ୍ୟାନ, ପୁରାତନ କୀର୍ତ୍ତିରାଜି ହୁକିଟୋଲା, ପୁରୀ ଶ୍ରୀକ୍ଷେତ୍ରର ଜଗନ୍ନାଥଙ୍କ ବଡଭାଇ ତୁଳସୀକ୍ଷେତ୍ରର ପ୍ରଭୁ ଶ୍ରୀବଳଦେବଜୀଉଙ୍କ ମନ୍ଦିର ପ୍ରଭୃତିକୁ ସଂଯୋଗ କରୁଅଛି। ଏତଦବ୍ୟତିତ କଟକ-ଚାନ୍ଦବାଲି ରାଜ୍ୟ ରାଜପଥଟି ୪ଲେନ ବିଶିଷ୍ଟ ହେବାକୁ ଯାଉଥିବା ସମ୍ପର୍କରେ ରାଜ୍ୟ ସରକାରଙ୍କ ନୋଟିଫିକେସନ ନଂ-



୩୩୮୮୪ ତା ୩୦.୦୮.୨୦୨୫ରେ ପ୍ରକାଶିତ ହୋଇଛି। ଦୁହୁରିଆରେ ଅଣ୍ଡରପାସ ନିର୍ମାଣ ସମୟରେ ଜାତୀୟ ରାଜପଥର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରତିଶୃତି ଦେଇଥିଲେ ଯେ ଚଣ୍ଡିଖୋଲ ଓ ଜଗତପୁର ବାଇପାସ ଡାଆଁରେ ଦୁହୁରିଆ ବାଇପାସ ନିର୍ମାଣ କରାଯିବ। ସେହି ଅନୁଯାଇ ଦୁହୁରିଆ ଠାରେ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥର ଉଭୟ ପାର୍ଶ୍ୱରେ ଦୁଇଶହ ମିଟର ପରିଧି ମଧ୍ୟରେ ଥିବା ସମସ୍ତ ଦୋକାନ ଗୁଡ଼ିକୁ ଉଠାଇ ଦିଆଯାଇ ସେହି ସ୍ଥାନକୁ ଖୋଲି ଦିଆଯାଇଥିଲା। ୫୩ନମ୍ବର ଜାତୀୟ ରାଜପଥର ଗୋପ, ଶ୍ୟାମସୁନ୍ଦରପୁର, ଅଳାବାଙ୍କ ଭଳି ଅନ୍ୟ ସ୍ଥାନ ଗୁଡ଼ିକର ସିଙ୍ଗିଲ ଲାଇନ ରାସ୍ତାରେ ୨୦ମିଟର ଚଉଡାର ଅଣ୍ଡରପାସ ନିର୍ମାଣ କରାଯାଇଥିବା ବେଳେ ଦୁହୁରିଆ ଠାରେ ମାତ୍ର ୧୭ମିଟର ଚଉଡାର ଅଣ୍ଡରପାସ ନିର୍ମାଣ କରାଗଲା। ଦୁହୁରିଆ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହୋଇଥିବା ବେଳେ ଏଠାରେ ଦୁଇଟି ଅଣ୍ଡରପାସ ନିର୍ମାଣର ଅତ୍ୟନ୍ତ ଆବଶ୍ୟକତା ରହିଛି। ଯଦି ଏହା କରାନଯାଏ ତାହାହେଲେ ଏଠାରେ ପ୍ରତିଦିନ ଟ୍ରାଫିକ ସମସ୍ୟା ଉକ୍ରଟ ରୂପ ନେବ। ଫଳରେ ଦୈନିକ ଦୁର୍ଘଟଣା ଘଟି ଲୋକଙ୍କ ଜୀବନହାନୀ ଘଟିବ। ଏହି ସମସ୍ୟା ସୃଷ୍ଟି ହେବା ପରେ ସ୍ଥାନୀୟ ଲୋକେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ। ଏହାସହ ଘଟଣାସ୍ଥଳରେ ଧାରଣା ଦେଇଥିଲେ। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଘଟଣାସ୍ଥଳକୁ ଆସି ପ୍ରତିଶୃତି ଦେଇଥିଲେ ଯେ ଏଠାରେ ଦୁଇଟି ଅଣ୍ଡରପାସ ନିର୍ମାଣ ହେବ। କିନ୍ତୁ ଏବେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ନିଜ ପ୍ରତିଶୃତିରୁ ଓହରି ଯାଉଛନ୍ତି। ଏହାଦ୍ୱାରା ଜନସାଧାରଣଙ୍କ ଦୁର୍ଦ୍ଦଶା କେତେଯେ ବଢ଼ିଯିବ ତାହା କର୍ତ୍ତୃପକ୍ଷଙ୍କ ନିୟନ୍ତ୍ରଣ ବାହାରକୁ ଚାଲିଯିବ। ଦୁଇଟି ଅଣ୍ଡରପାସ ନିର୍ମାଣ କରାଯିବା ପାଇଁ ଜନସାଧାରଣ ଜିଲ୍ଲାପାଳ, ରାଜସ୍ୱ ଆୟୁକ୍ତ, ମୁଖ୍ୟଶାସନ ସଚିବ, କେନ୍ଦ୍ରାପଡା ସାଂସଦ,ବିଧାୟକ ପ୍ରଭୃତିଙ୍କୁ ଅବଗତ କରାଇଥିଲେ। କିନ୍ତୁ ଦୁଃଖର କେନ୍ଦ୍ରାପଡା ସାଂସଦ ଏସମ୍ପର୍କରେ ପଦୁଟିଏ ବି ମୁହଁ ଖୋଲୁ ନାହାନ୍ତି। ଏହାଦ୍ୱାରା ଚାରୋଟି ଜିଲ୍ଲାର ଲୋକମାନେ ଛଟପଟ ହେବେ ବୋଲି ପ୍ରଧାନମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। କୃଷକ ବିକାଶ ପରିଷଦ ସଭାପତି ଆଇନଜୀବୀ ବିଜୟ କୁମାର ପରିଡାଙ୍କ ନେତୃତ୍ୱରେ ପ୍ରଦାନ କରାଯାଇଥିବା ଦାବିପତ୍ରରେ ଜିଲ୍ଲା ଓକିଲ ସଙ୍ଘ ସଭାପତି ଗୋବର୍ଦ୍ଧନ ରାଉତ, ସମ୍ପାଦକ ନୃସିଂହ ଚରଣ ରାଉତ, ଉପସଭାପତି ହାଡିବନ୍ଧୁ ସିଂ, ଆଇନଜୀବୀ ବିଧୁଭୂଷଣ ମହାପାତ୍ର, ସନାତନ ମୁଦୁଲି, ଭାବଗ୍ରାହୀ ସାହୁ, ସୁଶାନ୍ତ କୁମାର ମହାନ୍ତି, ଗଗନବିହାରୀ ଦାସ, ଶୁକାନ୍ତ କୁମାର ପାତ୍ର, ଚୈତନ୍ୟ ଚରଣ ମଲ୍ଲିକ, ଅଙ୍କିତା ମିଶ୍ର, ନିହାରରଞ୍ଜନ ମହାପାତ୍ର,ଅକ୍ଷୟ କୁମାର ସେଠୀ, ବିଜୟ କୁମାର ବେହେରା ପ୍ରମୁଖ ସ୍ୱାକ୍ଷର କରିଛନ୍ତି।

## ବଲାଙ୍ଗୀର ପୌରପରିଷଦରେ ଆସନ୍ତା ୨୦ରୁ

# ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ




**ବଲାଙ୍ଗିର, ୮/୦୨ (ନି.ପ୍ର):** ବଲାଙ୍ଗିର ଜିଲ୍ଲାରେ ଫାଇଲେରିଆ ନିରାକରଣ ଅଭିଯାନ ଚଳିତ ବର୍ଷ ଫେବୃଆରୀ ୧୦ ତାରିଖ ରୁ ୧୯ ତାରିଖ ପର୍ଯ୍ୟନ୍ତ ବଲାଙ୍ଗୀର ପୌରପରିଷଦ ଅନ୍ତର୍ଗତ ଶାସ୍ତ୍ରୀ ନଗର, କନ୍ଧପାଲିପଡା ଓ ଫେବୃଆରୀ ୨୦ ତାରିଖରୁ ମାର୍ଚ୍ଚ ୦୧ ତାରିଖ ପର୍ଯ୍ୟନ୍ତ ଆଗଲପୁର ବ୍ଲକରେ ସାର୍ବଜନୀନ ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥି ନିମନ୍ତେ ଜିଲ୍ଲାପାଳ ଗୌରଓ୍ୱ ଶିବାଜି ଇସଲଓ୍ୱାରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଜିଲ୍ଲାପାଳ ପୁଙ୍ଖାନୁପୁଙ୍ଖ ଭାବେ ସାର୍ବଜନୀନ ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ । ଉକ୍ତ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ପରିବାର କଲ୍ୟାଣ ଅଧିକାରୀ ଡାଃ.ପୁଷ୍ପାଞ୍ଜଳି ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମ୍ରିତ କୁମାର ପଣ୍ଡା ମଞ୍ଚାସୀନ ଥିଲେ । ଏହା ସହ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଚିକିତ୍ସା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ପରିବାର କଲ୍ୟାଣ କାର୍ଯ୍ୟାଳୟର ବୈଠକ ଗୃହରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ପରିବାର କଲ୍ୟାଣ ଅଧିକାରୀ ଡାଃ.ପୁଷ୍ପାଞ୍ଜଳି ମିଶ୍ର ନିଜର ବିବୃତିରେ ଫେବୃଆରୀ ୧୦ ତାରିଖ ରୁ ୧୯ ତାରିଖ ପର୍ଯ୍ୟନ୍ତ ବଲାଙ୍ଗୀର ପୌରପରିଷଦ ଅନ୍ତର୍ଗତ ଶାସ୍ତ୍ରୀ ନଗରରେ ବସବାସ କରୁଥିବା ମୋଟ ୫୮୨୫୨ ଓ କନ୍ଧପାଲିପଡାର ୫୬୬୮୯ଙ୍କୁ ଓ ଫେବୃଆରୀ ୨୦ ତାରିଖ ରୁ ମାର୍ଚ୍ଚ ୦୧ ତାରିଖ ପର୍ଯ୍ୟନ୍ତ ଆଗଲପୁର ବ୍ଲକର ମୋଟ ୧୦୪୯୭୭ଜଣଙ୍କୁ ସାର୍ବଜନୀନ ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମ ହେବ ବୋଲି ସୂଚନା ଦେଇଥିଲେ ।

# ନୀତି ଆୟୋଗ ପକ୍ଷରୁ ବ୍ଲକ୍ ସ୍ତରୀୟ ସମ୍ପୂର୍ଣତା ଅଭିଯାନ ୨.୦ ର ଶୁଭାରମ୍ଭ

**ଥୁଆମୂଳ ରାମପୁର,୮/୨(ମନ୍ଥନ)**କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ପରିସର ଠାରେ ଭାରତ ସରକାରଙ୍କ ନିତି ଆୟୋଗ ଦ୍ୱାରା ନିର୍ଦ୍ଧାରିତ ସମ୍ପୂର୍ଣତା ଅଭିଯାନ ୨.୦ ଅନୁଷ୍ଠିତ ହୋଇଥିଲା,। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ଯୋଗଦେଇ କହିଥିଲେଯେ ଜାନୁଆରୀ ୨୮ ରୁ ୧୪ ଏପ୍ରିଲ ପର୍ଯ୍ୟନ୍ତ ଚାଲୁଥିବା ଏହି କାର୍ଯ୍ୟକ୍ରମ କୁ ସଫଳ ରୂପାୟନ ତଥା ରାଜ୍ୟ ରେ ତଥା କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକକୁ ଏକ ଅଗ୍ରଣୀ ବ୍ଲକ ଭାବେ ଗଢି ତୋଳିବା ପାଇଁ ବ୍ଲକ ଓ ପଞ୍ଚାୟତ କର୍ମଚାରୀ




ମାନଙ୍କୁ ପରାମର୍ଶ ଦେଇଥିଲେ । ନିତି ଆୟୋଗ ଦ୍ୱାରା ନିର୍ଦ୍ଧାରିତ ସମୁଦାୟ ୧୧ ଟି ସୁଚକାଙ୍କ କୁ ୨୮ ରୁ ୧୪ ଏପ୍ରିଲ ମଧ୍ୟରେ ଶତପ୍ରତିଶତ ହାସଲ କରିବା ପାଇଁ ଏକ ଶପଥ ପାଠ ମଧ୍ୟ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଗୋଷ୍ଠୀଉନ୍ନୟନ ଅଧିକାରୀ ଧ୍ରୁବ ଚରଣ ମୁଦୁଲିଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହେଉଥିବା ବେଳେ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତିନିଧି ପବିତ୍ର ନାଏକ , ଜିଲ୍ଲା ସ୍ତରରୁ ଜିଲ୍ଲା ଯୋଜନା ଓ ସଂଯୋଜନା ବିଭାଗ ର ଉପ ନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ ଏବଂ ସମ୍ମାନିତ ଅତିଥି ରୂପେ ବିଧାୟକ ପ୍ରତିନିଧି ମାଣିକ୍ୟ ଚନ୍ଦ୍ର ନାଏକ , ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝୀ , ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ମାଝୀ , ଅତିରିକ୍ତ ତହସିଲଦାର ତପନ କୁମାର ପତି , ଏଇଇ ସାଲକୋ ହେମ୍ବ୍ରମ , ଅତିରିକ୍ତ ବ୍ଲକ ଶିକ୍ଷାଅଧିକାରୀ ହେମନ୍ତ କୁମାର ପଣ୍ଡା ଓ ପିରାମଲ ଫାଉଣ୍ଡେସନ ର ମହେଶ୍ୱର ମାଝୀ ଯୋଗଦେଇ ଥିଲେ ।ଏଥିରେ ବିଭିନ୍ନ ପ୍ରକାରର ଦୈନିକ ଉତ୍ସବ ପାଳନ କରାଯିବ ପାଇଁ ନିର୍ଧାରଣ କରାଯାଇଛି ଓ ଏଥିରେ ଶିଶୁଙ୍କ ପାଇଁ ପୁଷ୍ଟିକର ଖାଦ୍ୟ, ପଶୁଙ୍କୁ ଟୀକାକରଣ, ସ୍କୁଲରେ ବାଳିକା ମାନଙ୍କୁ ସ୍ୱଚ୍ଛ ଓ ପରିଷ୍କାର ଶୌଚାଳର ସୁବିଧା, ସୁସ୍ଥ ଶିଶୁ ଙ୍କ ଓଜନ ମାପ, ଗ୍ରାମ ସ୍ୱାସ୍ଥ୍ୟ ଓ ପୋଷଣ ଦିନ ପାଳନ, ସମସ୍ତ ଅଙ୍ଗନବାଡି କେନ୍ଦ୍ରରେ ପାନୀୟ ଜଳର ସୁବିଧା, ସମସ୍ତ କେନ୍ଦ୍ରରେ ସ୍ୱଚ୍ଛ ଓ ପରିଷ୍କାର ଶୌଚାଳୟର ସୁବିଧା, ଶିଶୁଙ୍କ ସଠିକ ଓଜନ ମାପ କୁସଠିକ୍ ଭାବେ କାର୍ଯ୍ୟକାରୀ କରିବା । ୫ ଟି ଷ୍ଟଲ ପ୍ରଦର୍ଶିତ କରାଯାଇଥିଲା ଓ ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ସ୍ତରୀୟ ସମସ୍ତ ଆଶା , ଅଙ୍ଗନବାଡି କର୍ମୀ, ସି ଆର ପି, ଏମ ବି କେ , ନର୍ସ ପ୍ରମୁଖ ଯୋଗଦାନ କରିଥିଲେ।

# ବାବା ବାଲିକପିଳେଶ୍ୱରଙ୍କ ଜାଗର ଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ

**କୋଣାର୍କ, ୦୮/୨ (ମନ୍ଥନ)** ପୁରୀ ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ଦ୍ୱିତୀୟ ଶୈବପୀଠ ପରିଚିତ ବାବା ବାଲି କପିଳେଶ୍ୱରଙ୍କ ଜାଗରଯାତ୍ରା ପାଇଁ ପ୍ରଥମ ସମନ୍ୱୟ ବୈଠକ ଶୁକ୍ରବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଉପ-ଜିଲ୍ଲାପାଳ ରାଜକିଶୋର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଗୋପ ଅତିରିକ୍ତ ତହସିଲଦାର ସତ୍ୟଜିତ ନାୟକ, ନିମାପଡ଼ା ଏସ ଡି ପି ଓ ଜନାର୍ଦ୍ଦନ ପାଢ଼ୀ, ରାମଚଣ୍ଡୀ ଥାନା ଅଧିକାରୀ ବିଚିତ୍ର ନନ୍ଦ ପରିଡା, ତରୋକର ଗ୍ରାମ୍ୟ କମିଟି ସଭାପତି ଓ ସେବାୟତ ନିଯୋଗ ସଭାପତି ଦୁର୍ଯ୍ୟୋଧନ ଖଟୋଇ, ସମାଜସେବୀ ରାମକୃଷ୍ଣ ମହାନ୍ତି ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ବୈଠକରେ ଜାଗର ଯାତ୍ରା



କିପରି ସୁଚାରୁ ରୂପେ ଶୃଙ୍ଖଳିତ ଭାବେ ସମାପନ ହେବ ସେ ବିଷୟ ଉପରେ ଆଲୋକପାତ କରାଯାଇଥିଲା ଯଥା ନୀତି ନିର୍ଘଣ୍ଟ, ଆଲୋକି କରଣ,ସ୍ୱାସ୍ଥ୍ୟ ଶିବିର, ରାସ୍ତା ପାର୍ଶ୍ୱ ପରିଷ୍କାର ପରିଚ୍ଛନ୍ନତା,ଶାନ୍ତି ଶୃଙ୍ଖଳା ବାଯାଇ ରଖିବା, ୨୪ ଘଣ୍ଟା ଜଳ ଯୋଗାଣ, ଅଗ୍ନି ନିରାପତ୍ତା, ପାର୍କିଂ ବ୍ୟବସ୍ଥା ଆଦି ସର୍ବସମ୍ମତି କ୍ରମେ ନିଷ୍ପତି ନିଆଯାଇଥିଲା ।ଚଳିତ ଜାଗର ଯାତ୍ରାରେ ବାବା ବାଲି କପିଳେଶ୍ୱରଙ୍କ ପ୍ରର୍ଯ୍ୟାୟ କ୍ରମେ ସମସ୍ତ ରୀତିନୀତି ପୂର୍ବକ ପୂଜାର୍ଚ୍ଚନା କରାଯାଇ ରାତ୍ର ୩ଘଟିକା ସମୟରେ ମହାଦୀପ ଉଠିବା ପାଇଁ ସମୟ ନିର୍ଘଣ୍ଟ ହୋଇଛି ।ଏହି ପ୍ରସ୍ତୁତି ବୈଠକରେ ଉନ୍ନୟନ କମିଟିର କାର୍ଯ୍ୟକର୍ତ୍ତା,ସେବାୟତ,ବିଭିନ୍ନ ବିଭାଗର ଅଧିକାରୀ ମାନଙ୍କ ସମେତ ସମସ୍ତ ଗଣମାଧାମ ପ୍ରତିନିଧି ମାନେ ଉପସ୍ଥିତ ରହିଥିଲେ।

## ପ୍ରିୟାଂଶିଶ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ଖୋର୍ଦ୍ଧା କ୍ରିକେଟ ଟିମ

**ଖଣ୍ଡପଡ଼ା,୮/୨ (ନିପ୍ର):** ଖଣ୍ଡପଡ଼ା ବ୍ଲକ ସିଧାମୂଳା ଗ୍ରାମରେ ପ୍ରିୟାଂଶିଶ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିରେ ଖୋର୍ଦ୍ଧା କ୍ରିକେଟ ଟିମ ୧୮୫ ରନରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଗୋକୁଳାନନ୍ଦ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଟସ ଜିତି ଖୋର୍ଦ୍ଧା କ୍ରିକେଟ ଟିମ ନିର୍ଧାରିତ ୨୦ ଓଭରରେ ୬ ଓ୍ୱିକେଟ ହରାଇ ୩୬୫ ରନର ବିଶାଳ ସ୍କୋର କରିଥିଲା। ଜବାବରେ ଭୁବନେଶ୍ୱର ଜିରୋ ବ୍ରଦର୍ଶ କଡା ସଂଘର୍ଷ କରିବା ସହିତ ୧୪ ଓଭରରେ ମାତ୍ର ୧୮୦ ରନରେ ସୀମିତ ରହିଥିଲା। ବିଜୟୀ ଦଳର ରାଜୁ କୁମାର ମାତ୍ର ୪୯ ବଲରୁ ୧୫୧ ରନର ଆକର୍ଷଣୀୟ ପାଳି ଖେଳିବା ସହିତ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଆଲୋକ ରାଉତ ଓ ରଶ୍ମିରଞ୍ଜନ ନାୟକ ଖେଳକୁ ପରିଚାଳନା କରିଥିବା ବେଳେ ଚନ୍ଦନ ନାୟକ ଭାଷ୍ୟକାର ଏବଂ ରାଜେଶ୍ କୁମାର ମହାଳିକ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଆସନ୍ତାକାଲି ରାଜନେତା ଏକାଦଶ ବନାମ ପ୍ରଶାସନ ଏକାଦଶ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

# ଦେଓଗାଁ ମିନାବଜାର ରେ ଡ୍ରାଗନ ଟ୍ରେନ ଦୋଳି ଛିଣ୍ଡି ୭ ଆହାତ

**କବିସୂର୍ଯ୍ୟନଗର, ୮।୨ (ନି.ପ୍ର):** ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଦେଓଗାଁ ଗ୍ରାମରେ ଗୁରୁବାର ରାତିରେ ଏକ ଅଘଟଣ ଘଟିଯାଇଛି। ଗ୍ରାମରେ ସ୍ଥାପିତ ହନୁମାନ ମୂର୍ତ୍ତି ପ୍ରତିଷ୍ଠା ଉତ୍ସବ ଅବସରେ ଆୟୋଜିତ ଯାତ୍ରାରେ ଲାଗିଥିବା ମିନାବଜାର ଘଟିଛି ଦୁର୍ଘଟଣା। ଲୋକଙ୍କ ଙ୍କ ମନୋରଞ୍ଜନ ଲାଗି ରହିଥିବା ଡ୍ରାଗନ ଟ୍ରେନ ଦୋଳିର ଗୋଟିଏ ବଗି ଛିଣ୍ଡିଯିବା ଫଳରେ ସାତ ଜଣ ଆହାତ ହୋଇଛନ୍ତି। ଆହାତ ଙ୍କ ମଧ୍ୟରେ ପାଞ୍ଚ ମହିଳା ଦୁଇ ଶିଶୁ ରହିଥିବା ବେଳେ ଆହାତ ମାନଙ୍କ ମଧ୍ୟରୁ ଦେଓଗାଁ ଗ୍ରାମର ଜଣେ,କୋଦଳା ଅଞ୍ଚଳର ତିନି ଜଣ ଓ କିରାଖାଇ ଅଞ୍ଚଳର ତିନି ଜଣ ରହିଥିବା ଜଣାପଡିଛି । ସୂଚନା ଅନୁସାରେ



ଯାତ୍ରା ଶେଷପର୍ଯ୍ୟାୟ ରେ ରହିଥିବା ରୁ ଗୁରୁବାର ରାତିରେ ଭିଡ଼ ପ୍ରବଳ ରହିଥିଲା। ଲୋକ ମାନେ ମିନାବଜାର, ଦୋଳିର ମଜା ନେଉଥିବା ବେଳେ ଅଚାନକ ଡ୍ରାଗନ ଟ୍ରେନ ର ଶେଷ ବଗି ଛିଣ୍ଡି କଡ଼କୁ ଖସିପଡ଼ିଥିଲା। ଦୁର୍ଘଟଣା ରେ ସେହି ବଗିରେ ବସିଥିବା ସମସ୍ତ ଯାତ୍ରୀ ଆହାତ ହୋଇଥିବା ବେଳେ ସ୍ଥାନୀୟ ଲୋକେ ସମସ୍ତ ଙ୍କୁ ଉଧାରକରି ଚିକିତ୍ସା ନିମନ୍ତେ ପ୍ରାର୍ଥମେ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଭର୍ତି କରିଥିଲେ। ଏଠାରେ ପ୍ରାଥମିକ ଚିକିତ୍ସା ପରେ ପାଞ୍ଚ ଆହାତ ଙ୍କୁ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ସ୍ଥିତ ଏମକେସିଜି ମେଡିକାଲ କୁ ସ୍ଥାନାନ୍ତର କରାଯାଇଛି। ଏଠାରେ ସମସ୍ତ ଙ୍କ ଚିକିତ୍ସା ପରେ ସୁସ୍ଥ ହୋଇ ଫେରିଥିବା ଜଣାପଡିଛି। ତେବେ ଏଠି ପ୍ରଶ୍ନ ଯାନ୍ତ୍ରିକ ତ୍ରୁଟି ଥିବା ଦୋଳିକୁ ପରିମିସନ ଦେଲାକିଏ ? ଘଟିଥିବା ଦୁର୍ଘଟଣା ପଛରେ ଦାଇକିଏ ? ଅନ୍ୟପଟେ ଏନେଇ ଦୋଳି ମାଲିକ ଙ୍କ ପ୍ରତିକ୍ରିୟା ମିଳିପାରିନଥିବା ବେଳେ ଆକସ୍ମିକ ଦୁର୍ଘଟଣା ଘଟିଥିବା ଗ୍ରାମ ବାସିନ୍ଦା ସୂଚନା ପ୍ରଦାନ କରିଛନ୍ତି । ତେବେ ଘଟଣା ନେଇ କବିସୂର୍ଯ୍ୟନଗର ପୋଲିସ ତଦନ୍ତ ଚଳାଇଥିବା ଜଣାଯାଇଛି।

# ମାଁ ଦ୍ୱାରସେନୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସନ୍ଧିସର ଚାମ୍ପିଆନ

**ବଙ୍ଗୋମୁଣ୍ଡା,୦୮।୦୨ (ନି.ପ୍ର):-** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ କପିଲାଭଟା ପଞ୍ଚାୟତ ଅନ୍ତର୍ଗତ ବରତୁଣ୍ଡା ଗାଁରେ ଚାଲିଥିବା ମାଁ ଦ୍ୱାରସେନି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟ ରେ ୮ ଗୋଟି ଦଳ ଭାଗ ନେଇଥିବା ବେଳେ ସେମାନଙ୍କ ମଧ୍ୟରୁ ବରତୁଣ୍ଡା ଓ ସନ୍ଧିସର ଦଳ ଫାଇନାଲ୍ ମ୍ୟାଚ କୁ ଉତ୍ତୀର୍ଣ୍ଣ ହୋଇଥିଲା। ପ୍ରଥମେ ସନ୍ଧିସର ଦଳ ବ୍ୟାଟିଂ କରି ୧୨ ଓଭର ରେ ୪ ଉଇକେଟ ହରାଇ ୧୧୧ ରନ ସଂଗ୍ରହ କରିଥିଲା ଜବାବ ରେ ବରତୁଣ୍ଡା ଦଳ ବ୍ୟାଟିଂ କରି ୧୦ ଓଭର ରେ ୬ ଉଇକେଟ ହରାଇ ୧୦୦ ରନ ସଂଗ୍ରହ କରି ପରାଜିତ ହୋଇଥିଲେ । ଏହି ଟୁର୍ଣ୍ଣାମେଣ୍ଟ ରେ ସନ୍ଧିସର ଦଳ ଚାମ୍ପିଆନ ହୋଇଛି । ପୁରୁଷୋତ୍ତମ ଜାନୀ ଓ ଅଶୋକ ବାଗ ଖେଳ ପରିଚାଳନା କରିଥିଲେ। ଆୟୋଜିତ ଉଦଯାପନି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଦୁର୍ଯ୍ୟକ୍ଷ ହଂସ, ସମ୍ମାନୀୟ ଅତିଥି ଭାବେ ସମିତି ସଭ୍ୟ କେଦାର ଭୋଇ,ସମାଜସେବୀ ପରମେଶ୍ୱର ମହାନନ୍ଦ,ବଙ୍ଗୋମୁଣ୍ଡା ବ୍ଲକ ସାମ୍ବାଦିକ ସଂଘ ର ସମ୍ପାଦକ ହୁଲେଶ୍ୱର ହଂସ,ସ୍ୱେଚ୍ଛାସେବୀ ଧର୍ମେନ୍ଦ୍ର ଦାସ,ନାଏବ ସରପଞ୍ଚ ଝସକେତନ ସାହୁ,ଜିଓଟେଗ ଶୁଭାକର ନାଗ, ଝାଙ୍କର ଅମୃତ ଭୋଇ ,ସଂକୀର୍ତ୍ତନ ଗୁରୁ ଟଙ୍କଧର ଜାନୀ, ଅଭିମନ୍ୟୁ ସୁଲିଆ, ତରଣୀ ନାଗ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ବିଜେତା ଓ ଉପ ବିଜେତା ଦଳ କୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ । ଧର୍ମେନ୍ଦ୍ର ଦାସ ଓ ମଦନ ନାଗ ଧାରା ବିବରଣୀ ପ୍ରଦାନ କରିଥିଲେ । ମ୍ୟାନ ଅଫ ଦ ମ୍ୟାଚ ଗଙ୍ଗା ଭୋଇ, ମ୍ୟାନ ଅଫ ଦ ସିରିଜ ପପୁନ ଭୋଇ, ବେଷ୍ଟ ବୋଲର ମହେଶ୍ୱର ପୁଟେଲ,ବେଷ୍ଟ କେଚ ଅଫ ଟୁର୍ଣ୍ଣାମେଣ୍ଟ ମଦନ ନାଗ, ବେଷ୍ଟ ଏମ୍ପାୟର ପୁରୁଷୋତ୍ତମ ମାଝୀ ଙ୍କୁ ବିବେଚିତ କରାଯାଇ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ ।

# ଭ୍ରମାତ୍ମକ ମାମଲାକାରୀଙ୍କୁ କୋର୍ଟଙ୍କ ଛାଟ

କାକଟପୁର,୮।୨(ନି.ପ୍ରେ.): ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ନାରାୟଣ ଦୀକ୍ଷିତଙ୍କୁ ପୁରୀ ଜିଲ୍ଲା କାକଟପୁର ବ୍ଲକର ବିଡିଓ ଭାବରେ ଦିଆଯାଇଥିବା ବଦଳି (ଅର୍ଡର ନଂ.ପିଆର-ବିଡିଓ.ଇଏସ ଟିଟି-୦୦୫୨-୨୦୨୪-୨୧୫୪୪/ ପିଆରଓଡିଡବ୍ଲୁ,ତାରିଖ ୦୬.୦୮.୨୦୨୫) ରାଜ୍ୟ ସରକାରଙ୍କ ‘ କ୍ୟାରିଅର ପ୍ଲାନିଙ୍ଗ ଏବଂ ଟ୍ରାନ୍ସଫର ପଲିସ ଫର ଓଏଏସ୍-୧( ଜେବି) ଅଫିସରସ ‘ ର ଉଲ୍ଲଂଘନ କରୁଥିବା ଅଭିଯୋଗ ଉପରେ ବିଚାର କରି ଅଭିଯୋଗ କାରୀ ଙ୍କୁ ମାନ୍ୟବର ହାଇକୋର୍ଟ ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଧ୍ୟାପକ ଡ଼. ଲକ୍ଷ୍ମୀଧର ବିଶ୍ୱାଳ ଏବଂ ଅନ୍ୟମାନେ ପୁରୀ ଜିଲ୍ଲାରେ ଏହି ନିଯୁକ୍ତିକୁ ବିରୋଧ କରି ଓଡ଼ିଶା ହାଇକୋର୍ଟରେ ଡବ୍ଲୁ.ପି(ସି) ନଂ ୩୪୦୭୫/୨୦୨୫ରେ ଏକ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ। ମାନ୍ୟବର ମୁଖ୍ୟ ବିଚାରପତି ହରିସ୍ ଟଣ୍ଡନ ଓ ଜଜ୍ ଏମ ଏସ ରମଣ ଉକ୍ତ ଜନସ୍ୱାର୍ଥ ମାମଲାକୁ ବିଚାର କରି ଗତ ୨୦/୦୧/୨୦୨୬ରେ ଡିସମିସ୍ କରିବା ସହିତ, ସରକାରୀ ନିଯୁକ୍ତି, ବା ବଦଳି ନୀତିକୁ ପ୍ରଭାବିତ କରୁଥିବା ବ୍ୟକ୍ତି ବିଶେଷ ବା ଅଭିଯୋଗ କାରୀ (ପକ୍ଷ) ଙ୍କ ଉପରେ ୫୦ହଜାର ଟଙ୍କା ଜୋରିମାନା ଧାର୍ଯ୍ୟ କରିଛନ୍ତି। ଯେହେତୁ ସରକାର ତାଙ୍କ ଅଫିସର ମାନଙ୍କୁ ଲୋକମାନଙ୍କ ସ୍ୱାର୍ଥ ଦୃଷ୍ଟି କୋଣରୁ ଯେ କୌଣସି ସ୍ଥାନରେ ବା ଜିଲ୍ଲା ରେ ଅବସ୍ଥାପିତ କରିପାରନ୍ତି । କୌଣସି ଭ୍ରମାତ୍ମକ ମାମଲା କରି ସରକାରୀ କାର୍ଯ୍ୟରେ ବିଶୃଙ୍ଖଳକ୍ଷ ସୃଷ୍ଟି କରିବା ସହିତ କୋର୍ଟ ଙ୍କ ମୂଲ୍ୟବାନ ସମୟ କୁ ଅପଚୟ କରୁଥିବା ରୁ ତାଙ୍କ ମାମଲା କୁ ବରଖାସ୍ତ କରିବା ସହିତ ପକ୍ଷ ଙ୍କୁ ଦଣ୍ଡିତ ହେବାକୁ ପଡିଛି । ମାନ୍ୟବର ଆଦେଶରେ ଲିପିବଦ୍ଧ କରିଛନ୍ତି କି ଉକ୍ତ ଜମା ରାଶିକୁ ସଂପୃକ୍ତ ପକ୍ଷ ଓଡ଼ିଶା ଷ୍ଟେଟ ଲିଗାଲ ସର୍ଭିସ୍ ଅଥୋରିଟିଙ୍କ ପାଖରେ ରାୟ ପ୍ରକାଶ ପାଇବାର ୩ସପ୍ତାହ ମଧ୍ୟରେ ଜମା କରିବାକୁ ନିର୍ଦ୍ଧେଶ ଦିଆଯାଇଛି ।

## ଖଣ୍ଡାରେ ହାଣି ହତ୍ୟା ଉଦ୍ୟମ, ଅଭିଯୁକ୍ତ ଗିରଫ, ଖଣ୍ଡା ଜବତ

କୁକୁଡାଖଣ୍ଡି,୮।୨: ନିମଖଣ୍ଡିଥାନା ଅର୍ନ୍ତଗତ ଫୁଲଟା ଗ୍ରାମର ବୃନ୍ଦାବନ ପ୍ରଧାନଙ୍କୁ ଗତ ୬ତାରିଖରେ ଖଣ୍ଡାରେ ହାଣି ହତ୍ୟା ଉଦ୍ୟମ କରାଯାଇଥିଲା। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଫୁଲଟାର ପାଣ୍ଡା ପ୍ରଧାନ(୨୮)। ପୋଲିସ ଏକ ଖଣ୍ଡା ଜବତ କରିଛି। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ବୃନ୍ଦାବନଙ୍କୁ ଆକ୍ରମଣ କରାଯାଇଥିଲା ବୋଲି ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ମାମଲା ନଂ ୩୨/୨୬ ରେ ତାଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି । ଘଟଣାର ତଦନ୍ତ ଜାରି ରହିଛି।ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଥାନା ଅଧିକାରୀ କୃଷ୍ଣ ଶାହା ସୂଚନା ଦେଇଛନ୍ତି । ଘଟଣାରୁ ପ୍ରକାଶ ଯେ, ୬ ଫେବୃଆରୀ ସନ୍ଧ୍ୟାରେ ବୃନ୍ଦାବନ ନିଜ କାମ ସାରି ତାଙ୍କ ଛୋଟ ଭାଇ ସୁରେନ୍ଦ୍ର ପ୍ରଧାନଙ୍କ ଘରକୁ ଯାଉଥିବା ବେଳେ ଉକ୍ତ ଅଭିଯୁକ୍ତ ଓ ତାଙ୍କ ସହଯୋଗୀ ମାନେ ତାଙ୍କୁ ଅଟକାଇ ଝଗଡା କରିଥିଲେ। ଅଭିଯୁକ୍ତମାନେ ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ । ଫଳରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କ ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ଉଦ୍ଧାର କରାଯାଇ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା।

# ସାପୁଆ ଜଙ୍ଗଲରେ ଗୟଳ ଶିକାର

**ଖଣ୍ଡପଡ଼ା, ୮/୨ (ନିପ୍ର):** ଖଣ୍ଡପଡ଼ା ବନାଞ୍ଚଳ ଅଧୀନ ସାପୁଆ ସଂରକ୍ଷିତ ଜଙ୍ଗଲରେ ଆଜି ଏକ ଗୟଳ ଶିକାର କରାଯାଇଥିବା ଅଭିଯୋଗ ମିଳିଛି। ତେବେ ମୃତ ଗୟଳ ମାଂସ ବିକ୍ରି ଅଭିଯୋଗରେ ସ୍ଥାନୀୟ ବନବିଭାଗ ୩ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି। ଶିକାରୀଙ୍କ ଦ୍ୱାରା ବିଛା ଯାଇଥିବା ବିଦ୍ୟୁତ ଜାଲରେ ପଡି ଗୟଳଟି ପ୍ରାଣ ହରାଇଥିବାମାଂସ ବିକ୍ରି କରିବା ସମୟରେ କିଆଝର ପଞ୍ଚାୟତର ୩ଜଣଙ୍କୁ ଉଠାଇ ନେଇଛି ସ୍ଥାନୀୟ ବନବିଭାଗ। ସେମାନଙ୍କ ଠାରୁ ମୃତ ଗୟଳ ମାଂସ ଜବତ ସହିତ ଅଧିକ ତଦନ୍ତ କରାଯାଉଥିବା ନେଇ ସୂଚନା ମିଳିଛି। ଘଟଣା ସମ୍ପର୍କରେ ସ୍ଥାନୀୟ ବନବିଭାଗ ମୁହଁ ଖୋଲୁନଥିବା ବେଳେ ଅଟକ ବ୍ୟକ୍ତିଙ୍କୁ ଛାଡିଦେବାକୁ ରାଜନୈତିକ ଚାପ




ପକାଯାଉଥିବା ନେଇ ବନବିଭାଗ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ତେବେ ନୟାଗଡ ଡିଏଫଓ ଏ ଦିଗରେ ପଦକ୍ଷେପ ନେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ବିଶ୍ୱ କର୍କଟ ଦିବସ ପାଳିତ

**ବ୍ରହ୍ମପୁର,୮।୨(ମନ୍ଥନ):** ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱ ବିଦ୍ୟାଳୟ ଖେଳ ପଡିଆ ଠାରେ ବ୍ରହ୍ମପୁରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ କ୍ରାନ୍ତି ଓ ସମ୍ ଉଦ୍ୟମରେ ବିଶ୍ୱ କର୍କଟ ଦିବସ ପାଳନ କରାଯାଇଛି। କ୍ରାନ୍ତି ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ମୁଖ କର୍କଟ ରୋଗୀ ଡ଼ ଦେବାନନ୍ଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ସମ୍ ନିର୍ଦ୍ଦେଶକ ଦେବ ପ୍ରସାଦ ଦାଶ, ମେଡ଼ିକାଲ ସୁପରିଟେଣ୍ଡେଣ୍ଟ ଡାକ୍ତର ଆଯୋଧ୍ୟା ନାଥ ପାଢ଼ୀ, ଆସିଷ୍ଟାଣ୍ଟ ମେଡ଼ିକାଲ ସୁପରିଟେଣ୍ଡେଣ୍ଟ ଡାକ୍ତର ପ୍ରୀୟଜିତ୍ ପାଣିଗ୍ରାହୀ, ମେଡ଼ିକାଲ ଓଙ୍କୋଲଜୀ ଡାକ୍ତର ଶିବ ଶଙ୍କର ମହାପାତ୍ର, ସର୍ଜିକଲ୍ ଓଙ୍କୋଲଜୀ ଡାକ୍ତର ସାଇ ରୁଦ୍ର ପୂହାନ, ପ୍ରମେୟ ବ୍ରହ୍ମପୁରର ଡିଜୀଏମ ଅମ୍ବିକା ପ୍ରସାଦ ଦାଶ, କ୍ରାନ୍ତି ଅନୁଷ୍ଠାନର ଡାକ୍ତର ଅତୁଲ୍ୟ କୁମାର ପଟ୍ଟନାୟକ ଓ ଆଇଏସଆରଡିର ନିର୍ଦ୍ଦେଶକ ସୁଧୀର ସାବତଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ମାନେ ଯୋଗଦାନ କରିଥିଲେ । ଏହି




ଅବସରରେ ଆୟୋଜିତ ସଚେତନତା ସଭା ଓ ବିଶାଳ ପଦଯାତ୍ରାରେ ସାମିଲ ହୋଇ ବିଶ୍ୱ କର୍କଟ ଦିବସରେ ଜନ ସାଧାରଣଙ୍କୁ ରୋଗର ଭୟାବହତା ବିଷୟରେ ଛାତ୍ରଛାତ୍ରୀ ମାନଙ୍କୁ ସଚେତନତା କରାଇ ଥିଲେ। ସେହିପରି ଅନୁଷ୍ଠାନର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଡ଼ ଦାଶ ଉପସ୍ଥିତ ସମସ୍ତଙ୍କୁ ନିବେଦନ କରି କହିଥିଲେ ଯେ, ଆସନ୍ତୁ ସମସ୍ତେ ମିଳିମିଶି ସଚେତନ କରିବା ଓ ଭାରତକୁ କର୍କଟ ମୁଖରୁ ରକ୍ଷା କରିବା ପାଇଁ ସମସ୍ତଙ୍କୁ ଶପଥ କରାଇ ତମାଖୁ ଛାଡ଼ନ୍ତୁ ଜୀବନ ବାଚନ୍ତୁ ଏହି ମନ୍ତ୍ର ସଂକଳ୍ପ କରାଇ ଥିଲେ। ଏନେଇ ସମ୍ ର ଓଙ୍କୋଲୋଜି ଡ. ମହାପାତ୍ର ଓ ଡ.ପୁହାନ କର୍କଟ ରୋଗ ବିଷୟରେ ଆଲୋକପାତ କରାଇବା ସହ ଲୋକ ମାନେ କିପରି ସୁବିଧାରେ ଚିକିତ୍ସା କରି ପାରିବେ ସେନେଇ ସମସ୍ତଙ୍କୁ ଅବଗତ କରାଇ ଥିଲେ। ସମସ୍ତ ଅତିଥି ମାନେ ସବୁଜ ପତାକା ଦେଖାଇ ବିଶାଳ ପଦଯାତ୍ର ‘ବ୍ରହ୍ମପୁର ଓ୍ୱାକଥନ୍‘କୁ ଶୁଭାରମ୍ଭ କରିଥିଲେ। ଏହି ବିଶାଳ ସମାରୋହ ଓ ଗଣ ପଦଯାତ୍ରାରେ ବିଭିନ୍ନ ସାମାଜିକ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟ ମାନଙ୍କ ସହ ବହୁ ସ୍କୁଲ, କଲେଜ, ଏକାଡେମୀ ଓ ଆଇଟିଆଇ ଭଳି ବିଭିନ୍ନ ଅନୁଷ୍ଠାନରୁ ବ୍ରହ୍ମପୁର ପୋଲିସ ବାହିନୀ ଓ ସମ୍ ନର୍ସିଂ ଷ୍ଟାଫର କର୍ମକର୍ତ୍ତା ସହ ସମସ୍ତ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ପ୍ରାୟ ୧୨୦୦ ଯୁବକ ଯୁବତୀ ଯୋଗଦେଇ ପଦଯାତ୍ରାରେ କର୍କଟ ରୋଗ ବିଷୟରେ ଲୋକମାନଙ୍କୁ ସଚେତନତା କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ କ୍ରାନ୍ତି ଅନୁଷ୍ଠାନର ସମସ୍ତ ସଦସ୍ୟ ଉପସ୍ଥିତି ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

